
Bijay Mohanty
Actor

PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### ଟ୍ରେଲରକୁ ପିଟିଲା ସ୍କର୍ପିଓ : ଜଣେ ମୃତ, ୬ ଗୁରୁତର

ରୂପ୍‌ସା,୨୧।୧୧(ଡି.ଏନ.ଏ.): ବାଲେଶ୍ୱର ୬୦ନଂ ଜାତୀୟ ରାଜପଥ ସଦର ବ୍ଲକ ହଳଦୀପଦା ବାଇପାସ୍‌ରେ ବୁଧବାର ଏକ ଟ୍ରେଲରକୁ ସ୍କର୍ପିଓ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଅଞ୍ଚଳ ନିଲୁଆ ଗ୍ରାମର ନୀରବ ଭୋରା (୨୨)। ନୀରବ ପରିବାର ସହ ଛତିଶଗଡ଼ ଜିଲା ରାଜନନ୍ଦ ଗାଁ କକାଶ୍ୱଶୁର ଘରକୁ ଯାଇଥିଲେ। ସେଠାରୁ ସ୍କର୍ପିଓ ଯୋଗେ (ନଂ ସିଜି ୦୮ୱାଇ-୯୦୦୧) ୭ଜଣ ପୁରୀରେ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିଲେ। ଆହତ ୬ ଜଣ ହେଲେ କନକ ଭୋରା, ଗାୟତ୍ରୀ ଭୋରା, ଇନା ଭୋରା, ରୁକ୍ମଣୀ ବାଇ, ମହେନ୍ଦ୍ର ରାଜପୁତ ଓ ବାଲାଜୀ ରାଜପୁତ। ଏମାନଙ୍କୁ ପୋଲିସ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ୪ ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ବସ୍ତା ଥାନାରେ ପୋଲିସ ଏକ ମାମଲା (ନଂ. ୨୯୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

### ମୁସଲିମ୍ ସୋସାଇଟି ପକ୍ଷରୁ ସଫେଇ

ବାଲେଶ୍ୱର ଅଫିସ,୨୧।୧୧: ହଜରତ ମହମ୍ମଦଙ୍କ ଜନ୍ମଦିନ 'ମିଲାଦ୍ ଉନ୍ ନବି' ପାଳନ ଯୋଗୁ ବାଲେଶ୍ୱର ସହର ଉତ୍ସବମୁଖର ହୋଇ ଉଠିଛି। ମୁସଲମାନ ସମ୍ପ୍ରଦାୟର ଆବାଳ ବୃଦ୍ଧବନିତା ବୁଧବାର ସକାଳେ ଶୋଭାଯାତ୍ରାରୁ ଆରମ୍ଭ କରି ରାତ୍ରିପର୍ଯ୍ୟନ୍ତ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନେ ଶାନ୍ତିଶୃଙ୍ଖଳାର ସହ ଆନନ୍ଦ ଉଲ୍ଲାସରେ ଏହି ଦିନଟିକୁ କଟାଇଥିଲେ। ଏହି ଅବସରରେ ସଫେଇ କାର୍ଯ୍ୟ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲେଶ୍ୱର ମୁସଲମାନ ସୋସାଇଟି ପକ୍ଷରୁ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରାଯାଇଥିଲା। ସୋସାଇଟିର ସଦସ୍ୟମାନେ ସଦର ମହକୁମା ମୁଖ୍ୟ ହସ୍‌ପିଟାଲକୁ ଯାଇ ମେଡିସିନ୍ ମେଲ୍ ୱାର୍ଡ ଶୌଚାଳୟକୁ ସଫା କରିବା ସହିତ 'ହସ୍‌ପିଟାଲ୍ ଆମର, ଏହାକୁ ସଫା ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ'ର ବାର୍ତ୍ତା ବାଣ୍ଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୋସାଇଟିର ସଭାପତି ସେକ୍ ଜନ୍ନତ୍ ହୁସେନ୍, ସମ୍ପାଦକ ଇକ୍‌ବାଲ୍ ଖାଁ, ସେକ୍ ଅବଦୁଲ୍, ସେକ୍ ସୁଜୁତ୍ ଆଲାମ୍, ସେକ୍ ନାସୀର, ସେକ୍ ନମାନ୍, ସେକ୍ ପପୁ, ସେକ୍ ରଫିକ୍, ସାମାଜିକକର୍ମୀ ରଘୁନାଥ ଲେଙ୍କା, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୭୫ ୟୁନିଟ୍ ରକ୍ତ ସଂଗ୍ରହ

ଜଳେଶ୍ୱର,୨୧।୧୧ (ଡି.ଏନ୍.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତର ବୈରାଟ ଆଡ଼ି ମଙ୍ଗଳା ମନ୍ଦିର ପରିସରରେ ମଙ୍ଗଳବାର ବଜରଙ୍ଗ ଦଳ ତରଫରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବଜରଙ୍ଗ ଦଳର ସଂଯୋଜକ ପବନ ସାହୁ, ସହ ସଂଯୋଜକ ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବନ୍ଦ ହେବ ଅମୃତିଆ ନାଳ ମୁହଁ

- ବାଙ୍କତିରା ସେଚ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ବୈଠକ
- ନାଳ ମୁହଁ ବନ୍ଦ ଲାଗି ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ
- ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ଦେବା ଲାଗି ଚାପ ପକାଯିବ

ବାଲେଶ୍ୱର ଅଫିସ,୨୧।୧୧

ବାଙ୍କତିରା ଜଳସେଚନ ପ୍ରକଳ୍ପ ଦାବି ନେଇ ଆନ୍ଦୋଳନ କରି ଆସୁଥିବା କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। । ଚୂଡ଼ାନ୍ତ ପର୍ଯ୍ୟାୟ ବୈଷୟିକ ମଞ୍ଜୁର ଲାଗି କେନ୍ଦ୍ରୀୟ ଜଳ ଆୟୋଗ ନିକଟକୁ ପ୍ରକଳ୍ପ ପ୍ରସ୍ତାବ ପଠାଯାଇଥିବାରୁ ଏହାକୁ କିପରି ଶୀଘ୍ର ମଞ୍ଜୁରୀ ମିଳିବ ସେ ନେଇ ଆଲୋଚନା ହୋଇଥିଲା। ଆବଶ୍ୟକ ହେଲେ ଏଥିଲାଗି ଚାପ ପକାଇବାକୁ ପଦକ୍ଷେପ ନିଆଯିବା ଲାଗି ସ୍ଥିର ହୋଇଥିଲା। ବୁଢ଼ାବଳଙ୍ଗ ନଦୀର ବାଙ୍କତିରାଠାରେ ମୁକୁଳା ପଡିଥିବା ଅମୃତିଆ ନାଳ ମୁହଁ ବନ୍ଦ କରିବା ସକାଶେ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଥିବାରୁ ଏହାକୁ ବୈଠକରେ ସ୍ୱାଗତ କରାଯାଇଥିଲା।

ଅମୃତିଆ ନାଳ ମୁକୁଳା ପଡିଥିବାରୁ ବୁଢ଼ାବଳଙ୍ଗ ବନ୍ୟାପାଣି ମାଡି ଅଞ୍ଚଳର ବ୍ୟାପକ ଚାଷଜମି ନଷ୍ଟ ହେଉଥିଲା। ବାଙ୍କତିରା ସେଚ ପ୍ରକଳ୍ପ କରି ଚାଷ ଜମିକୁ ଜଳ ଯୋଗାଇଦେବା ଏବଂ ବନ୍ୟା ନିୟନ୍ତ୍ରଣ ଲାଗି ଯୋଜନା ହୋଇ ଦୀର୍ଘଦିନ ଧରି କାର୍ଯ୍ୟକାରୀ ନ ହେବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟପକ୍ଷେ ପ୍ରକଳ୍ପ ହେବା ପୂର୍ବରୁ ଅମୃତିଆ ନାଳ ମୁହଁ ପୋତି ଦେବାକୁ ସ୍ଥାନୀୟ ନଗ୍ରମ, ବୁଆଁଳ, ଓଡ଼ଙ୍ଗୀ, ଚଷାଖଣ୍ଡ, ସିନ୍ଧିଆ, ନିଜାମପୁର, ବଇଁଚା, ଓଲନ୍ଦା ସାରଗାଁ, ଛାନୁଆ ଆଦି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀ ଦୀର୍ଘଦିନରୁ ଦାବିକରି ଆସୁଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯିବା ପରେ ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ତତ୍ପରତା ପ୍ରକାଶ ପାଇଛି। ବାଲେଶ୍ୱର ନିଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ବସିଥିବା କ୍ରିୟାନୁଷ୍ଠାନ କିମିଟି ବୈଠକରେ ସଂଘର ସଭାପତି ଶୁଭଙ୍କର ମହାପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ୧୨ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। କମିଟିର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ପ୍ରଥମେ ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରି ବୁଢ଼ାବଳଙ୍ଗର ବାଙ୍କତିରା ପ୍ରକଳ୍ପ କାର୍ଯ୍ୟକାରିତା ଅଗ୍ରଗତି ନେଇ ସୂଚନା ଦେଇଥିଲେ। ଅମୃତିଆ ନାଳ ମୁହଁ ବନ୍ଦ ଲାଗି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇ ଏହି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ।

ବାଙ୍କତିରା ପ୍ରକଳ୍ପ ପ୍ରସ୍ତାବ ଦିଲ୍ଲୀ ସ୍ଥିତ କେନ୍ଦ୍ର ଜଳ ଆୟୋଗଙ୍କ ନିକଟକୁ ପଠାଯାଇଥିବାରୁ ଏହାକୁ କିପରି ଶୀଘ୍ର ମଞ୍ଜୁରୀ ମିଳିବ ସେ ନେଇ ରାଜ୍ୟର ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ରଖିବାକୁ କମିଟି ପକ୍ଷରୁ ସିଦ୍ଧାନ୍ତ ନିଆଯାଇଥିଲା। ବୈଠକରେ ଉପସଭାପତି ଇଂ. ପ୍ରଦୀପ କୁମାର ମହାନ୍ତି, ପ୍ରଭୁଚରଣ ରାଉତ, ସମ୍ପାଦିକା କବିତା ପାଣି, ଶ୍ରୀକୃଷ୍ଣ ଗିରି, ବେଣୁଧର ଜେନା, ଉତ୍ତମ କୁମାର ପ୍ରଧାନ, ବିଜୟକୃଷ୍ଣ ବେରା, ତୁଷାରକାନ୍ତି ମହାପାତ୍ର, ଦୁର୍ଗାପଦ ଭୂୟାଁ, ମନୋରଞ୍ଜନ ପ୍ରଧାନ, ଆଦିକନ୍ଦ ବେହେରା, ଜୟନ୍ତ କୁମାର ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଯୋଜକ ଚକ୍ରଧର ମହାନ୍ତି ଧନ୍ୟବାଦ ଦେଇଥିଲେ।


ବାଙ୍କତିରା ସେଚ ପ୍ରକଳ୍ପ ନିର୍ମାଣ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କ ବୈଠକ।

## ମହମ୍ମଦ ଜୟନ୍ତୀରେ ଜୁଲୁସ ଶୋଭାଯାତ୍ରା


ଜୁଲୁସ ଶୋଭାଯାତ୍ରାରେ ସାମିଲ ଯୁବକ।

ରୂପ୍‌ସା,୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା, ରାମଚନ୍ଦ୍ରପୁର, ପରିକ୍ଷୀ, ପନ୍ତା, ବଗ୍ଗା ସମେତ ରୂପ୍‌ସା ଥାନା ଗଡ଼ପଦା, ଲଛମନଖୁଣ୍ଟା, ବାରାପାଳ ଓ କାଛିବସ୍ତି ଆଦି ମସଜିଦ୍‌ରେ ବୁଧବାର ମହାପୁରୁଷ ମହମ୍ମଦଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସମସ୍ତ ମସଜିଦ୍‌ରେ ସମୂହ ନମାଜ ପାଠ ସାଙ୍ଗକୁ କୋରାନ ପାଠ କରାଯାଇଥିଲା। ହଳଦୀପଦା ରାମଚନ୍ଦ୍ରପୁର ପାଞ୍ଚପୀରବାବାଙ୍କ ପୀଠରୁ ଏକ ବିଶାଳ ଜୁଲୁସ ଶୋଭାଯାତ୍ରାରେ ମୁସଲିମ ସମ୍ପ୍ରଦାୟର ଭଉଣୀଭାଇ ପାଞ୍ଚପୀରନଗର, ସିଙ୍ଗାରପୁର, ରାମଚନ୍ଦ୍ରପୁର ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲେ। ମସଜିଦ୍ ପୀଠରେ ମହମ୍ମଦଙ୍କ ସ୍ତୁତିଚାରଣ କରାଯାଇଥିଲା। କମିଟିର କର୍ମକର୍ତ୍ତାଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସବାହିନୀ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିଶ୍ୱର ଦୀର୍ଘତମ ଚିତ୍ର ଲାଗି ଅଭ୍ୟାସ ଶିବିର


ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ଅଭ୍ୟାସ କରୁଛନ୍ତି।

ଜଳେଶ୍ୱର,୨୧।୧୧ (ଡି.ଏନ୍.ଏ): ବିଶ୍ୱ ଦରବାରରେ ଜଳେଶ୍ୱରକୁ କଳା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ରଖିବାପାଇଁ ସ୍ଥାନୀୟ ଚିତ୍ରକଳା ଅନୁଷ୍ଠାନ ଜଳେଶ୍ୱର ଆର୍ଟ ଫାଉଣ୍ଡେସନ ଦ୍ୱାରା ବିଶ୍ୱର ଦୀର୍ଘତମ ଚିତ୍ର ପାଇଁ ଅଭ୍ୟାସ ଶିବିର ଜଳେଶ୍ୱର ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବିଭିନ୍ନ ବିଦ୍ୟାଳୟରୁ ୩୮୭ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବିଭାଗରେ ଜଳଚର ପ୍ରାଣୀ ଓ ସିନିୟର ବିଭାଗରେ ବୃକ୍ଷରୋପଣ ବିଷୟବସ୍ତୁ ଥାଇ ୯୩୦ ଫୁଟ୍ ଲମ୍ବର ଏକ ଚିତ୍ର ପ୍ରସ୍ତୁତ କରିଥିଲେ। ଶିବିରକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନୀଲ କୁମାର ନାୟକ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ରୋଟାରୀ ଓ ରୋଟାରାକ୍ଟ କ୍ଲବ, ଜଳେଶ୍ୱର ମହୋତ୍ସବ କମିଟି, ଜଳେଶ୍ୱର ବାର ଆସୋସିଏଶନ, ଜଳେଶ୍ୱର ଯୁବମଞ୍ଚ, ଜଳେଶ୍ୱର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ତଥା ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ସମ୍ପାଦକ ମୁକ୍ତିପଦ ନନ୍ଦୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ନୂତନ ଚିନ୍ତାଧାରାର କାର୍ଯ୍ୟକ୍ରମ ଜନସାଧାରଣ ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଆଗାମୀ ୨ ମାସ ପରେ ଆଉ ଏକ ଅଭ୍ୟାସ ଶିବିର କରାଯାଇ ୨ କିମି ଦୀର୍ଘ ଲମ୍ବ ବିଶିଷ୍ଟ ଚିତ୍ର କରାଯିବାର ଯୋଜନା ରହିଛି।

## ଡାକ୍ତରଙ୍କ ସମୂହ ଇସ୍ତଫା ଚେତାବନୀ

ବାଲେଶ୍ୱର ଅଫିସ,୨୧।୧୧: ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନ ୫ଟା ସମୟରେ ଓମ୍‌ସା (ଓଡ଼ିଶା ମେଡ଼ିକାଲ ସର୍ଭିସ୍ ଆସୋସିଏଶନ୍) ବାଲେଶ୍ୱର-ନୀଳଗିରି ଶାଖା ପକ୍ଷରୁ ମିଳିତ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଶାଖାସଭାପତିଡା.ଗିରିଶଚନ୍ଦ୍ରପତିସଭାପତିତ୍ୱକରିଥିଲେ। ଓମ୍‌ସାର ଦୀର୍ଘ ୮ବର୍ଷର ନାର୍ଯ୍ୟ ଦାବି ଡାକ୍ତରମାନଙ୍କ ଡି.ଏ.ସି.ପି. (ଡାଇନାମିକ୍ ଏସିୟୋର୍ଡ଼ କ୍ୟାରିୟର୍ ପ୍ରୋଗ୍ରୋସନ୍) କେନ୍ଦ୍ରୀୟ ହାରରେ ପଦୋନ୍ନତି ଏବଂ ଦରମା ପ୍ରଦାନ ପୂରଣ କରିବାରେ ରାଜ୍ୟସରକାରଙ୍କର ଟାଳଟୁଳ ନୀତିକୁ ବିରୋଧ କରିଥିଲେ। ଦାବି ସମ୍ପର୍କରେ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ଡିସେମ୍ବର ୨ ତାରିଖରେ ସଂଘର ସାଧାରଣ ପରିଷଦରେ ଆଲୋଚନା କରାଯାଇ ଡାକ୍ତରମାନେ ସମୂହ ଇସ୍ତଫା ଦେବା ଲାଗି ପଦକ୍ଷେପ ନେବେ ବୋଲି ଖବରଦାତା ସମ୍ମିଳନୀରେ ଓମ୍‌ସା ପକ୍ଷରୁ ସୂଚନା ଦିଆଯାଇଛି।

## 'ଯୁଗେ ଯୁଗେ କବିତାରେ କ୍ରାନ୍ତି ଆସିଛି'

ବାଲିଆପାଳ, ୨୧।୧୧ (ଡି.ଏନ.ଏ.): କବିତା ଲୋକାଭିମୁଖୀ ହେଲେ ଏହା ପରିବର୍ତ୍ତନର ବାହକ ହୋଇପାରିବ ବୋଲି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ ଓଁକାର ପୂଜ୍ୟପୂଜା ସାହିତ୍ୟ ପରିଷଦର ତ୍ରୟୋଦଶ କବିତା ପାଠୋତ୍ସବରେ ଅତିଥିମାନେ ମତ ରଖିଛନ୍ତି। ପରିଷଦର ସମ୍ପାଦକ ରାମରଞ୍ଜନ ରାଉତ ବିବରଣୀପାଠ କରିଥିଲେ। ଲେଖିକା ଡ. ସିପ୍ରା ସରକାର ମୁଖ୍ୟଅତିଥି, ସାମାଜିକକର୍ମୀ ନୀଳକଣ୍ଠ ପତି ମୁଖ୍ୟବକ୍ତା, କବି ଭବେଶ ଚନ୍ଦ୍ର ବେହେରା, ଅନୁଷ୍ଠାନର ସଭାନେତ୍ରୀ ମିନତି ଦେବୀ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ଗୋପିକୃଷ୍ଣ ବିଶ୍ୱାଳ ଓ ସତ୍ୟରଞ୍ଜନ ବେହେରାଙ୍କ ସଂଯୋଜନାରେ ଶତାଧିକ କବି କବିତାପାଠ କରିଥିଲେ । ପୌରୋହିତ୍ୟ କରିଥିଲେ କବି ବାବୁଧର ବିଶ୍ୱାଳ ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍
ଭାରତ ସରକାର

ପିଏନ୍‌ଜିଆର୍‌ବି



"...ପ୍ରାକୃତିକ ଗ୍ୟାସ୍ ପରବର୍ତ୍ତୀ ପିଢ଼ିର ଜୀବାଶ୍ମ ଇନ୍ଧନ। ଏହା ସସ୍ତା ଏବଂ କମ୍ ପ୍ରଦୂଷଣକାରୀ । ଆମେ ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାକୁ ପ୍ରାଥମିକତା ଦେଇଛୁ..."

ସ୍ୱଚ୍ଛ ଇନ୍ଧନ
ଅଭିମୁଖେ ଭାରତର ପ୍ରତିବଦ୍ଧତାରେ ଏକ ଐତିହାସିକ ମୁହୂର୍ତ୍ତ

ଭିତ୍ତି ପ୍ରସ୍ତର ସ୍ଥାପନ
ସହରି ଗ୍ୟାସ୍ ବିତରଣ ପ୍ରକଳ୍ପ (ସିଜିଡି)
ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ ଅଧୀନରେ ୬୫ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୯ ଟି ଜିଲାରେ
ଏବଂ
ଶୁଭାରମ୍ଭ
ଦଶମ ସିଜିଡି ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ
୫୦ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୪ଟି ଜିଲା ନିମନ୍ତେ

ଓଡ଼ିଶାରେ ସିଜିଡି ମ୍ୟାପ୍, ୨୦୧୮



ସିଏନ୍‌ଜିର ସୁବିଧା
- ଶସ୍ତା ଇନ୍ଧନ
- ପରିବେଶ ଅନୁକୂଳ ଏବଂ ସ୍ୱଚ୍ଛ ଇନ୍ଧନ
- ଧୂଆଁ ହୀନ ଏବଂ ବାସ୍ତବରେ ଆଦୌ ଅଙ୍ଗାର ନିଷ୍କୃତ
- କମ୍ ଅଙ୍ଗାର ଉପାଦାନ, ବାହନ ରକ୍ଷଣାବେକ୍ଷଣ ବାବଦରେ କମ୍ ଖର୍ଚ୍ଚ

ପିଏନ୍‌ଜିର ସୁବିଧା
- ସମ୍ପୂର୍ଣ୍ଣ ସୁରକ୍ଷିତ
- ଅତ୍ୟନ୍ତ ସୁବିଧାଜନକ
- ସ୍ୱଚ୍ଛ ପରିବେଶ
- ନିରବଚ୍ଛିନ୍ନ ଯୋଗାଣ
- ବ୍ୟବହାର ପରେ ଭୁଗତାନ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି
ଡ. ହର୍ଷ ବର୍ଦ୍ଧନ
କେନ୍ଦ୍ରମନ୍ତ୍ରୀ
ବିଜ୍ଞାନ ଓ ଶିଳ୍ପ ବିଜ୍ଞାନ, ଭୂବିଜ୍ଞାନ ଏବଂ ପର୍ଯ୍ୟାବରଣ ବନ ଓ ଜଳବାୟୁ ପରିବର୍ତ୍ତନ

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ରମନ୍ତ୍ରୀ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା

ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟର ପ୍ରତିବଦ୍ଧ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟକ୍ରମ

| ଭୌଗୋଳିକ କ୍ଷେତ୍ରର ନାମ | ସ୍ୱୀକୃତିପ୍ରାପ୍ତ ସଂସ୍ଥାର ନାମ | ପିଏନ୍‌ଜି ସଂଯୋଗ (ଆନୁମାନିକ) | ସିଏନ୍‌ଜି ଷ୍ଟେସନ | ଇସ୍ପାତ ପାଇପଲାଇନ (ଇଞ୍ଚ-କିମି) |
|---|---|---|---|---|
| ଅନୁଗୋଳ ଏବଂ ଢେଙ୍କାନାଳ ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ | ୨୨,୬୦୦ | ୨୧ | ୧,୪୬୪ |
| ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୧,୦୦,୦୦୦ | ୨୦ | ୫୦୦ |
| ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲା | ଆଦାନି ଗ୍ୟାସ୍ ଲିମିଟେଡ୍ | ୧,୫୦,୪୦୦ | ୨୦ | ୫୦୬ |
| ବରଗଡ଼, ଦେବଗଡ଼ ଏବଂ ସମ୍ବଲପୁର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୩,୯୧୦ | ୧୧ | ୬୫୦ |
| ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୫୧,୦୦୦ | ୧୫ | ୬୫୦ |
| ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା | ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ | ୧୨,୫୫୦ | ୧୦ | ୭୯୧ |
| ଯାଜପୁର ଏବଂ କେନ୍ଦୁଝର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୮,୨୦୦ | ୧୯ | ୨,୪୪୨ |

୨୨ ନଭେମ୍ବର ୨୦୧୮, ଅପରାହ୍ନ ୪.୦୦ ଘଣ୍ଟା
ବିଜ୍ଞାନ ଭବନ, ନୂଆଦିଲ୍ଲୀ


#GiveItUp

## 'ଓଡ଼ିଆ କାବ୍ୟଜଗତର ତାରକା ଥିଲେ କମଳାକାନ୍ତ'



ସ୍ୱର୍ଗତ କମଳାକାନ୍ତ ଲେଙ୍କାଙ୍କ ଜୟନ୍ତୀ ଉତ୍ସବରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ଅଫିସ,୨୧।୧୧

ସ୍ୱର୍ଗତ କବି କମଳାକାନ୍ତ ଲେଙ୍କାଙ୍କ ଭଳି ସାରସ୍ୱତ ପ୍ରତିଭାଙ୍କୁ ଉପଯୁକ୍ତ ଗୁରୁତ୍ୱ ଓ ସମ୍ମାନ ନ ମିଳିବା ଏକ ବିଡମ୍ବନା। ଓଡ଼ିଆ କାବ୍ୟ ଜଗତରେ ସେ ଥିଲେ ଜଣେ ତାରକା । ତାଙ୍କ କାବ୍ୟକୃତି ସମ୍ପର୍କରେ ଅଧିକ ଗବେଷଣା କରାଯିବା ସାଙ୍ଗକୁ ତାଙ୍କୁ ଯଥାସମ୍ମାନ ମିଳିବା ଦରକାର ବୋଲି କମଳାକାନ୍ତଙ୍କ ୮୪ତମ ଜୟନ୍ତୀ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱରର ଏକ ଘରୋଇ 'ହୋଟେଲ ସଭାଗୃହରେ ଆୟୋଜିତ ଜୟନ୍ତୀ ଉତ୍ସବକୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉଦ୍‌ଘାଟନ କରିଥିଲେ। ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ ସଭାପତିତ୍ୱ କରିଥିଲେ। କବି କମଳାକାନ୍ତଙ୍କ କନିଷ୍ଠପୁତ୍ର କବି ସୀତାଂଶୁ ଲେଙ୍କା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। 'କବି କମଳାକାନ୍ତ ଲେଙ୍କା ସାହିତ୍ୟ ସଂସଦ, ଭଦ୍ରକ' ଓ ସାଂସ୍କୃତିକ ଅନୁଷ୍ଠାନ 'ଚନ୍ଦ୍ରଭାଗା'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, ସେ ଥିଲେ କମଳାକାନ୍ତଙ୍କର ଜଣେ ଛାତ୍ର । ସେ ଅତ୍ୟନ୍ତ ଛାତ୍ରବତ୍ସଳ ଓ ସ୍ନେହୀ ଥିଲେ। ତାଙ୍କର ଅସାଧାରଣ କାବ୍ୟ ପ୍ରତିଭା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ରଜନୀକାନ୍ତ ମହାନ୍ତି, କଥାକାର ରାଧା ବିନୋଦ ନାୟକ, ଗବେଷକ ମଥୁରାନାଥ ହୋତା, କବି ଗୌତମ ଜେନା ପ୍ରମୁଖ କମଳାକାନ୍ତଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରି ତାଙ୍କ କାବ୍ୟକୃତି ସମ୍ପର୍କରେ ଅଧିକ ଗବେଷଣା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଷ ଚନ୍ଦ୍ର ଜେନା, ସମ୍ପାଦକ ଡା. କୁମାର ଗୋପାଳ ଏବଂ ଯୁବ ଉଦ୍ୟୋଗୀ ଅଏନ୍ କୁମାର ସେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗାଳ୍ପିକ ଭୀମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୩୦ରେ ବାରିପଦା ବନ୍ଦ ଡାକରା

**ବାରିପଦା ଅଫିସ,୨୧।୧୧:** ଆସନ୍ତା ୩୦ ତାରିଖରେ ୧୨ ଘଣ୍ଟିଆ ବାରିପଦା ବନ୍ଦ ପାଇଁ ମୟୂରଭଞ୍ଜ ଆଦିବାସୀ ରିଭଲ୍ୟୁସନାରି ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ(ମାରିସା) ପକ୍ଷରୁ ଡାକରା ଦିଆଯାଇଛି। ଦୁଇ ଦଫା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ମାରିସାର ଜିଲା ସଭାପତି ଅର୍ଜୁନ ମୁର୍ମୁ ଓ କାର୍ଯ୍ୟକାରୀ ସଭାପତି ଧରମରାଜ ହାଁସଦା ଏକ ପ୍ରେସ ବିବୃତିରେ ବୁଧବାର ସୂଚନା ଦେଇଛନ୍ତି। ସଂରକ୍ଷଣ ନିୟମର ଠିକ୍ ସମାଧାନ କରି କାର୍ଯ୍ୟକାରୀ କରାଯିବା ସହିତ ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ବିଭାଗରେ ନିଯୁକ୍ତ ଅଧିକାରୀଙ୍କ ରେଜିଷ୍ଟର ତଥା ନଥିପତ୍ର ପ୍ରସ୍ତୁତ କରାଯିବ । ଜିଲାରେ ଥିବା ନିକୋ ଫ୍ୟାକ୍ଟ୍ରି ଏବଂ ସ୍ପିନିଂ ମିଲ୍‌କୁ ପୁନଃ ପରିଚାଳିତ କରିବା ଦାବି ନେଇ ମାରିସା ଏହି ବନ୍ଦ ଡାକରା ଦେଇଛି।

### ଜଡିଦା ହାଟ ଉଦ୍‌ଘାଟିତ



**କପ୍ତିପଦା,୨୧।୧୧(ଡି.ଏନ୍.ଏ):** କପ୍ତିପଦା ବ୍ଲକ୍ ଅଧୀନ ଜଡିଦା ପଞ୍ଚାୟତର ଜଡିଦା ଗ୍ରାମରେ ଏକ ହାଟ ସ୍ଥାପନ ପାଇଁ ଗ୍ରାମବାସୀ ବହୁବାର ଉଦ୍ୟମ କରୁଥିବା ବେଳେ ବୁଧବାର ତାହା ସଫଳ ହୋଇଛି । ଗ୍ରାମର ଟସର ସମବାୟ କେନ୍ଦ୍ର ନିକଟ ପଡିଆରେ ପଞ୍ଚାୟତର ଏକ ନୂତନ ହାଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଜଡିଦା ସରପଞ୍ଚ କମଳା ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସମିତି ସଭ୍ୟ ସୋମନାଥ ସିଂ, ପୂର୍ବତନ ସରପଞ୍ଚ ବ୍ରହ୍ମାନନ୍ଦ ଖଣ୍ଡେଇ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର, ଦୀନବନ୍ଧୁ ନାୟକ, ରବୀନ୍ଦ୍ର ନାଥ ରାଉତ, ଅନନ୍ତ କୁମାର ବାରିକ୍, ଅନ୍ତର୍ଯାମୀ ରଣା ଓ ବାବୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ମାତୃ କର୍ମଶାଳା ଅନୁଷ୍ଠିତ

**ବାଙ୍ଗିରିପୋଷି, ୨୧।୧୧(ଡି.ଏନ.ଏ.):** ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଭିଭାବିକା ରୀତାରାଣୀ ବେହେରା ଓ ମୟୂରଭଞ୍ଜ ବିଭାଗର ଶିଶୁବାଟିକା ପ୍ରମୁଖ ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାରିପଦାର ଆଚାର୍ଯ୍ୟ ବିଷ୍ଣୁ ଚରଣ ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟା ସଞ୍ଜୁଲତା ମହାନ୍ତ ଶିଶୁ ବାଟିକାର ପାଠ୍ୟକ୍ରମ ଓ କ୍ରିୟା କଳାପ, ଶିଶୁ ଶିକ୍ଷାର ସ୍ୱରୂପ ସମ୍ପର୍କରେ ମାର୍ଗ ଦର୍ଶନ କରାଇଥିଲେ। ଏଥିରେ ଶିଶୁ ବାଟିକା ଆଧାରିତ କାର୍ଯ୍ୟକ୍ରମମାନ ହୋଇଥିଲା ।

### ଆଦିବାସୀ ଉଲଗୁଲାନ ଦିବସ



**କପ୍ତିପଦା,୨୧।୧୧(ଡି.ଏନ୍.ଏ):** କପ୍ତିପଦା ବ୍ଲକ୍ ଅଧିନ ଶରତଠାରେ ଯୁବ ନେତା ଚନ୍ଦନ ସିଂଙ୍କ ସଭାପତିତ୍ୱରେ ଉଲଗୁଲାନ ଦିବସ ପାଳିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ତଥା ହୋ ଭାଷା ଶିକ୍ଷା ପରିଷଦ ଓଡିଶାର ସମ୍ପାଦକ କାଇରା ସିଂ ବାନ୍ଦିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଟୋ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁମ୍ବି ସିଂ, ଶରତର ପୂର୍ବତନ ସରପଞ୍ଚ ସାଲଖାନ ମୁର୍ମୁ, ବିପିନ ସିଂ ଓ ପାରା ସିଂ ପ୍ରମୁଖ ଯୋଗ ଦେଇଥିଲେ। ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ପଟ୍ଟ ହୋଙ୍କ ନେତୃତ୍ୱରେ ବର୍ତ୍ତମାନର ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଏକ ବିରାଟ ଲଢେଇ ହୋଇଥିଲା। ଏହି ଲଢେଇରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ହଜାର ହଜାର ଲୋକେ ସାମିଲ ହୋଇ ଇଂରେଜଙ୍କ ବିରୋଧରେ ଲଢେଇ କରିଥିଲେ । ଏଥିରେ ଶହୀଦ ହୋଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୋଇଥିବା ଜଣାଯାଇଛି ।

# ଗ୍ରାମ୍ୟ ଜଙ୍ଗଲ କମିଟିର ଧାରଣା, ଉତ୍ତେଜନା

**ଉଦଳା,୨୧।୧୧ (ଡି.ଏନ.ଏ.)**




ଉଦଳା ରେଞ୍ଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ବନ୍ୟ ସଂରକ୍ଷଣ ସମିତି ସଦସ୍ୟମାନେ।

ଫାଇଲନ, ହୁଡ୍‌ହୁଡ ବାତ୍ୟାରେ ଉଦଳା ବ୍ଲକ ଦୁତିକାଦେଇପୁର ଗ୍ରାମ୍ୟ ଜଙ୍ଗଲରୁ ବହୁ ଶାଗୁଆନ ଗଛ ଉପୁଡି ଧରାଶାୟୀ ହୋଇଥିଲା । ବାରିପଦା ଫରେଷ୍ଟ ଡିଭିଜନ ପକ୍ଷରୁ ମିଳିଥିବା ଅନୁମତି ଆଧାରରେ ଏହାକୁ ନିଲାମ କରାଯାଇଥିଲା । ହେଲେ ବିକ୍ରି ପାଇଁ ଆବଶ୍ୟକ ରୋଡ ପରିମିଟ ପ୍ରଦାନ ନିମନ୍ତେ ଅହେତୁକ ବିଳମ୍ବ ହେଉଥିବାରୁ ଦୀର୍ଘ ଦିନ ହେବ ଗଛଗୁଡିକ ଜଙ୍ଗଲରେ ପଡି ନଷ୍ଟ ହେଉଛି । ଅସନ୍ତୋଷ ପ୍ରକଟ କରିଥିଲେ । ଏଥିରେ ଅତିଷ୍ଠ ହୋଇ ଦୁତିକାଦେଇପୁର ଗ୍ରାମ ମା' ବାରଖଣ୍ଡା ବନ୍ୟ ସଂରକ୍ଷଣ ସମିତି ସଦସ୍ୟମାନେ ବୁଧବାର ସ୍ଥାନୀୟ ରେଞ୍ଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୋଡ ପରିମିଟ ପ୍ରଦାନ ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଦୀର୍ଘ ସମୟ ଆଲୋଚନା ପରେ ନିଲାମ ଗଛ ବିକ୍ରି ପାଇଁ ରୋଡ ପରିମିଟ ପ୍ରଦାନ କରାଯାଇଥିବା ରେଞ୍ଜର ଅଜୟ କୁମାର ଦାଶ କହିଛନ୍ତି।

ଉଦଳା ବ୍ଲକ ଦୁତିକାଦେଇପୁର ଗ୍ରାମ ମା' ବାରଖଣ୍ଡା ବନ୍ୟ ସଂରକ୍ଷଣ ସମିତି ସଦସ୍ୟମାନେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ବର୍ଷ ବର୍ଷ ଧରି ସୁରକ୍ଷା ଦେଇ ଆସିଥିଲେ। ହେଲେ ପ୍ରାୟ ୩ ବର୍ଷ ପୂର୍ବେ ହୋଇଥିବା ବାତ୍ୟାରେ ଜଙ୍ଗଲରେ ଥିବା ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛ ଉପୁଡି ପଡିଥିଲା। ବିଭାଗୀୟ ଅନୁମତି ପରେ ଗଛଗୁଡିକ କଟାଯିବା ସତ୍ତ୍ୱେ ରୋଡ ପରମିଟ୍ ମିଳୁ ନ ଥିବାରୁ ତାହା ଜଙ୍ଗଲରେ ପଡି ରହିଥିଲା। ନିଲାମ ହୋଇ ମଧ୍ୟ ଦୀର୍ଘ ୬ ମାସ ହେବ ଗଛଗୁଡିକ ଜଙ୍ଗଲରେ ପଡି ରହିଥିବାରୁ କାଠ ଗୁଡିକ ନଷ୍ଟ ହେବାରେ ଲାଗିଥିଲା।

- ଜଙ୍ଗଲରେ ଖତଖାଉଛି ମୂଲ୍ୟବାନ ଗଛ
- ନିଲାମ ସତ୍ତ୍ୱେ ମିଳୁନି ରୋଡ ପରମିଟ୍
- ରେଞ୍ଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ
- ଆଲୋଚନା ପରେ ବାହାରିଲା ସମାଧାନ ବାଟ: ଉଦଳା ରେଞ୍ଜର

ଏହି ଘଟଣାର ସମାଧାନ ନିମନ୍ତେ ବୁଧବାର ବାରଖଣ୍ଡା ବନ ସଂରକ୍ଷଣ ସମିତିର ସଦସ୍ୟ ଉଦଳା ରେଞ୍ଜର ଅଜୟ କୁମାର ଦାସଙ୍କୁ ଘେରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖୁବଶୀଘ୍ର ଦାବି ପୂରଣ ସହ କାଠ ବିକ୍ରି ନିମନ୍ତେ ପରମିଟ୍ ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା । ପରିଶେଷରେ ଉଭୟ ପକ୍ଷ ଆଲୋଚନା ପରେ ଏହା ସମାଧାନ ହୋଇଯାଇଥିବା ଜଣାଯାଇଛି।

## ରାଜ୍ୟସ୍ତରୀୟ ସିପକଟାକ୍ରୋ ପ୍ରତିଯୋଗିତା

# ମୟୂରଭଞ୍ଜରୁ ୮ ଖେଳାଳି

**ବାରିପଦା ଅଫିସ,୨୧।୧୧**

ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ ସିପକଟାକ୍ରୋ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୨ ତାରିଖରେ ପୁରୀ ଜିଲା ପୋଲିସ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତରାରେ ମୟୂରଭଞ୍ଜ ଜିଲାରୁ ଭାଗ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ ଜଣ ଖେଳାଳି ବୁଧବାର ପୁରି ଅଭିମୁଖେ ଯାତ୍ରା କରିଛନ୍ତି। ବାଳକ ଟିମ୍ ମ୍ୟାନେଜର ଭାବେ ଭାଗବତଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଦୀପକ ରାମ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ଭାଗବତଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶୀ ସେମାନଙ୍କ ସହ ସାମିଲ ହୋଇଛନ୍ତି। ବାଳକ ଟିମ୍‌ର ଖେଳାଳିମାନେ ହେଲେ ଦୁଲା ମୁର୍ମୁ, ସଞ୍ଜୟ ମାରାଣ୍ଡି, ନବଘନ କିସ୍କୁ, ପ୍ରଦୀପ କୁମାର ଟୁଡୁ। ବାଳିକା ଟିମ୍‌ର ଖେଳାଳିମାନେ ହେଲେ ଗଙ୍ଗାରାଣୀ ଟୁଡୁ, ସବିତା ମୁର୍ମୁ, ପଦ୍ମିନୀ ଟୁଡୁ ଓ ବିଟି ମୁର୍ମୁ ପ୍ରମୁଖ।




ଉଭୟ ଟିମର ଖେଳାଳି ଓ ମ୍ୟାନେଜର।

# ମହମ୍ମଦଙ୍କ ଜୟନ୍ତୀ ପାଳିତ



ଠାକୁରମୁଣ୍ଡାରେ ମହମ୍ମଦ ଜୟନ୍ତୀରେ ବାହାରିଥିବା ଶୋଭାଯାତ୍ରା।

**ବାରିପଦା ଅଫିସ,୨୧।୧୧**

ବାରିପଦା ସହରରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବୁଧବାର ମହମ୍ମଦ ଜୟନ୍ତୀ ଲାଗି କାଫିଲା ଓ ଜୁଲୁସ ଶୋଭାଯାତ୍ରା ଓ ଘରେ ଘରେ ସ୍ୱତନ୍ତ୍ର ପୂଜା (ଜସନ୍ ଇଦ୍ ମିଲାଦୁନ ନବୀ) ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାର ସକାଳେ ବାରିପଦା ସହର କାଳିକାପୁର ମଦ୍ରାସାରେ ମହମ୍ମଦ ଜାଫର ହବିବି, ମହମ୍ମଦ ଆକିଲ ଓ ଅଜମଲ ହବିବଙ୍କ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହା ପରେ ସେଖ ଅବଦୁଲ ହବିବି, ସେଖ ସଦ୍ଦାମ, ମହମ୍ମଦ ଆଖାର ସିଦ୍ଦିକି, ଦାନିସ ହବିବି, ୱାସିମ ଅଖତାର, ସେଖ ରକି, ସେଖ ଅମନ ଉଲ୍ଲା, ସେଖ ଇନାମ, ସେଖ ଆମିର ପ୍ରମୁଖଙ୍କ ନେତୃତ୍ୱରେ ଏକ ବାଇକ ରାଲି କାଳିକାପୁର ମଦ୍ରାସାଠାରୁ ଶାନ୍ତିଶୃଙ୍ଖଳାରେ ସହର ପରିକ୍ରମା କରିଥିଲା। ଏହା ପରେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷମାନେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

**ବାଙ୍ଗିରିପୋଷି,(ଡି.ଏନ.ଏ.):** ବାଙ୍ଗିରିପୋଷି ମସ୍‌ଜିଦ କମିଟି ତରଫରୁ ମହାପୁରୁଷ ମହମ୍ମଦଙ୍କର ଜୟନ୍ତୀ ପାଳିତ କରାଯାଇଛି । ସକାଳେ ସମସ୍ତେ ସ୍ଥାନୀୟ ମସ୍‌ଜିଦ ନିକଟରେ ଏକତ୍ରିତ ହେବା ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାଙ୍ଗିରିପୋଷି ବଜାର ପରିକ୍ରମା କରିଥିଲେ । ମସ୍‌ଜିଦ କମିଟି ମୌଲବୀ ମହମ୍ମଦ ହାଫିଜ ସରଫ୍‌ରାଜ, ମହମ୍ମଦ ପ୍ରଚାର କରିଥିବା ଧର୍ମବାଣୀ ବିଷୟରେ ବୁଝାଇଥିଲେ। କ୍ରୋଧ ତ୍ୟାଗ କରି କିପରି ଭାଇଚାରା ସୃଷ୍ଟି କରିହେବ ସେ ଦିଗରେ ସେ ଆଲୋକପାତ କରିଥିଲେ ।

**ଠାକୁରମୁଣ୍ଡା,(ଡି.ଏନ.ଏ)–** ଠାକୁରମୁଣ୍ଡା ମସଜିଦ୍ କମିଟି ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ମୁସଲମାନ ସଂପ୍ରଦାୟର ଲୋକେ ଜୁଲ୍‌ସେମହମଦୀ ମସଜିଦ୍ ନିକଟରୁ ବାହାରି ବଜାର ପରିକ୍ରମା କରି କବରସ୍ଥାନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଭଦ୍ରକ,କାକଟପୁରରୁ ଆସିଥିବା ମୌଲବୀ ଓ ଠାକୁରମୁଣ୍ଡା ୨ ମୌଲବୀ ନାତ୍ ଗାଇଥିଲେ। ଶୋଭାଯାତ୍ରା ପରେ ମସଜିଦ୍‌ରେ ସାମୂହିକ ନମାଜ୍ ପାଠ କରାଇଯାଇଥିଲା।

**ରାଇରଙ୍ଗପୁର,(ଡି.ଏନ.ଏ.):** ରାଇରଙ୍ଗପୁରରେ ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସହରାଞ୍ଚଳର ବିଭିନ୍ନ ରାସ୍ତାରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ଦୁର୍ଘଟଣାରେ ୩ ଗୁରୁତର

**ରାଇରଙ୍ଗପୁର,୨୧।୧୧(ଡି.ଏନ.ଏ)**

ଯାମଦା ଥାନା ଚାନ୍ଦିଖୋମଣ–ଯାମଦା ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଓ ସାଇକେଲ ମଧ୍ୟରେ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପ୍ରଥମେ ରାଇରଙ୍ଗପୁର ମେଡିକାଲ ଓ ପରେ ବାରିପଦା ପିଆରଏମ ମେଡିକାଲ କଲେଜ ପଠାଯାଇଛି। ଗୁରୁତରମାନେ ହେଲେ ଦେଓକୁଣ୍ଡି ଗାଁର କିସୁନ ହାଁସଦା, ରୁମାପାହାଡ ଗାଁର ଜରଦନ କଡା ଓ ସାଇକେଲ ଆରୋହୀ ସୁନାମରା ଗାଁର ଜଣେ ବ୍ୟକ୍ତି।

### ଶ୍ୟାମ ଜନ୍ମ ମହୋତ୍ସବ

**ରାଇରଙ୍ଗପୁର,୨୧।୧୧(ଡି.ଏନ.ଏ.)**

ସ୍ଥାନୀୟ ରାଇରଙ୍ଗପୁର ବଡବଜାରସ୍ଥିତ ସତ୍ୟନାରାୟଣ ମନ୍ଦିର ପରିସରଠାରେ ଶ୍ୟାମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ୩ ଦିନ ବ୍ୟାପୀ ପ୍ରଭୁ ଶ୍ୟାମଙ୍କଠାରେ ବିଭିନ୍ନ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଭୁଙ୍କ ଦର୍ଶନ ନିମନ୍ତେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟନାରାୟଣ ମନ୍ଦିର କମିଟିର ଅଧ୍ୟକ୍ଷ ବିଶ୍ୱନାଥ ଅଗ୍ରୱାଲ ଏବଂ ସମ୍ପାଦକ ଶମ୍ଭୁ ଦୟାଲ ଅଗ୍ରୱାଲ ପ୍ରମୁଖ ସହାୟତା କରିଥିଲେ।

# ଶୌଚାଳୟ ବ୍ୟବହାର ନେଇ ସଚେତନତା ସୃଷ୍ଟି

**କପ୍ତିପଦା,୨୧।୧୧(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧିନ ଉଆଷଡିହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୌଚାଳୟ ବ୍ୟବହାର ସମ୍ପର୍କରେ ନିଜ ଅଭିଭାବକଙ୍କ ସମେତ ଅନ୍ୟ ବୟସ୍କଙ୍କୁ ମଧ୍ୟ ସଚେତନ କରିବାକୁ ଆଗେଇ ଆସିଛନ୍ତି। ସେମାନେ ବିଦ୍ୟାଳର ଶିକ୍ଷୟିତ୍ରୀଶିକ୍ଷକ ଓ ସିଆରସିସି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଗାଁକୁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଅଧିକାଂଶ ଗ୍ରାମବାସୀଙ୍କ ଘରେ ଶୌଚାଳୟ ଥିବା ସତ୍ତ୍ୱେ ସେମାନେ ନିଜ ପୁରୁଣା ଅଭ୍ୟାସକୁ ବଦଳାଇ ପାରୁ ନାହାନ୍ତି । ଫଳରେ ସେମାନଙ୍କ ପିଲା ମଧ୍ୟ ଏହାକୁ ଅନୁକରଣ କରୁଛନ୍ତି। ସେମାନଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଏକ ଅଭିନବ ପ୍ରୟାସ ପିଲାମାନେ ଆପଣାଇଛନ୍ତି। ଶୌଚାଳୟ ବ୍ୟବହାର ସମ୍ପର୍କରେ ପିଲାମାନେ ନିଜ ମାତାପିତାଙ୍କୁ ମଧ୍ୟ ଚିଠି ଲେଖିଥିବା ଜଣାଯାଇଛି।



ପିଲାମାନେ ଗାଁରେ ବୁଲି ଚିଠି ବାଣ୍ଟୁଛନ୍ତି।

# ଠାକୁରମୁଣ୍ଡାରେ ହାତୀପଲ ଉପଦ୍ରବ

**ଠାକୁରମୁଣ୍ଡା,୨୧।୧୧(ଡି.ଏନ.ଏ)**

ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଦୀର୍ଘ ଦିନ ଧରି ହାତୀପଲ ଉପଦ୍ରବ ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଲେଣି । ଶିମିଳିପାଳରୁ ଆସିଥିବା ଏହି ପଲ ମଙ୍ଗଳବାର ରାତିରେ ଜରକ ଗ୍ରାମରେ ପଶି ବହୁ ଫସଲ ନଷ୍ଟ କରି ଦେଇଛନ୍ତି। ଦିନ ବେଳା ସେମାନେ ଗାଁକୁ ଲାଗିଥିବା ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଫସଲ ଜମିରେ ପଶୁଛନ୍ତି। ଏଥିଯୋଗୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ବନ ବିଭାଗ ହାତୀ ଘଉଡାଇବାକୁ ଉଦ୍ୟମ ଚଳାଇଛି।



ବାଙ୍ଗିରିପୋଷୀରେ ମେଧାବୃତ୍ତି ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର।

### ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

**ବାଙ୍ଗିରିପୋଷି,୨୧।୧୧(ଡି.ଏନ.ଏ.)**

ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରୀକ୍ଷାରେ ୬ଷ୍ଠ ଶ୍ରେଣୀ ପାଇଁ ୮୫ ଜଣ ଓ ୯ମ ଶ୍ରେଣୀ ପାଇଁ ୧୨୦ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ ବୃନ୍ଦାବନଚନ୍ଦ୍ର ପେଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା।

# ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଲାଗି ପ୍ରସ୍ତୁତି

**କପ୍ତିପଦା,୨୧।୧୧(ଡି.ଏନ୍.ଏ.)**

କପ୍ତିପଦା ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ଆଗାମୀ ଡିସେମ୍ବର ୩ ତାରିଖରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚର ସଭାପତି ମନୋରଞ୍ଜନ ଜେନା ସଭାପତିତ୍ୱ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଫୁଲ୍ଲ ମହାଲିକ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ରାଜେନ୍ଦ୍ର ବେହେରା, ଭାନୁମତି ଦାସ, ସୁପ୍ରଭା ମଞ୍ଜରୀ ସାହୁ ଓ ମୂଷା ବେହେରାଙ୍କ ସମେତ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଦିନ ଭିନ୍ନକ୍ଷମଙ୍କର ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିବା ସହିତ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବାର ସ୍ଥିର ହୋଇଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ବିପନ୍ନଙ୍କୁ ମିଳିବ ୬୪ ଲକ୍ଷ କ୍ଷତିପୂରଣ

**ବାରିପଦା ଅଫିସ,୨୧।୧୧**

ଗତ ମାସରେ ହୋଇଥିବା ତିତ୍‌ଲି ବାତ୍ୟା ପ୍ରଭାବରେ ମୟୂରଭଞ୍ଜ ଜିଲାର ପ୍ରାୟ ୧୦ଟି ବ୍ଲକ ପ୍ରଭାବିତ ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଅନୁଧ୍ୟାନ ପରେ ୬୮୮ ଘର ଭାଙ୍ଗିଥିବା ଜଣାପଡିଛି। ତଦନୁଯାୟୀ, ତିତ୍‌ଲି ବାତ୍ୟା ବିପନ୍ନଙ୍କୁ ମୋଟ ୬୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉଛି। ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଏହି କ୍ଷତିପୂରଣ ପ୍ରଦାନ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ସୂଚନା ଦେଇଛନ୍ତି।

ସାମୁଦ୍ରିକ ବାତ୍ୟା ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା ହେବା ଯୋଗୁ ମୟୂରଭଞ୍ଜ ଜିଲାର ବଡସାହି, ବେତନଟି, ବାଙ୍ଗିରିପୋଷି, ଶାମାଖୁଣ୍ଟା, ମୋରଡା, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର, ବାରିପଦା ଓ ଶୁଳିଆପଦା ବ୍ଲକରେ ପ୍ରଭୂତ କ୍ଷତି ଘଟିଥିଲା। ଜିଲା ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ତଦନ୍ତ କରି କ୍ଷୟକ୍ଷତି ସଂକ୍ରାନ୍ତ ରିପୋର୍ଟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିକଟକୁ ପଠାଇଥିଲେ। ବେତନଟି ଓ ଗୋପବନ୍ଧୁନଗର ବ୍ଲକରେ ଅଧିକ କ୍ଷୟକ୍ଷତି ଘଟିଥିବା ଏଥିରେ ଦର୍ଶାଯାଇଥିଲା। ଉପରୋକ୍ତ ୧୦ ବ୍ଲକର ୨୩୯ ଗାଁ ପ୍ରଭାବିତ ହୋଇଥିଲା। ୪ ହଜାର ୯୫୬ ଲକ୍ଷ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ୫୬ ହଜାର ୫୦୦ ଟଙ୍କା ବୋଲି ଆକଳନ କରାଯାଇଥିଲା। ବାତ୍ୟା ପ୍ରଭାବରେ ଘର ଭାଙ୍ଗିବା ଯୋଗୁ ବହୁ ବିପନ୍ନ ପରିବାର ଅସହାୟ ହୋଇ ପଡିଥିଲେ। ଘରଭଙ୍ଗା କ୍ଷତିପୂରଣ ବାବଦକୁ ହିତାଧିକାରୀମାନଙ୍କୁ ୬୪ ଲକ୍ଷ ୭୧ ହଜାର ୮୦୦ ଟଙ୍କା ପ୍ରଦାନ କରାଯିବା ପାଇଁ ଆକଳନ କରାଯାଇଛି। ତିତ୍‌ଲି ପ୍ରଭାବ ଯୋଗୁ ଜିଲାର କୌଣସି ସ୍ଥାନରେ କାହାର ମୃତ୍ୟୁ ହୋଇ ନ ଥିବା ଏବଂ କୌଣସି ପ୍ରାଣୀ ମୃତ୍ୟୁମୁଖରେ ପଡି ନ ଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

- ତିତ୍‌ଲି ବାତ୍ୟା ବିପର୍ଯ୍ୟୟ
- ଭାଙ୍ଗି ଥିଲା ୬୮୮ ଘର

ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତିଙ୍କ କହିବା ମୁତାବକ ତିତ୍‌ଲି ସମୟରେ ଜିଲା ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଥିଲେ। ଏହି ରିପୋର୍ଟ ଅନୁସାରେ ସ୍ୱତନ୍ତ୍ର ରିଲିଫ କମଶନରଙ୍କୁ ଏକ ସ୍ୱତନ୍ତ୍ର ରିପୋର୍ଟ ପଠାଯାଇଥିଲା। ଏହି ରିପୋର୍ଟ ଆଧାରରେ କମିଶନର କ୍ଷୟକ୍ଷତି ପ୍ରଦାନ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା କ୍ଷୟକ୍ଷତି ପ୍ରଦାନ କରାଯାଉଛି। ଏହା ଏବେ ଶେଷ ପର୍ଯ୍ୟାୟରେ ରହିଥିବା ମଧ୍ୟ ସେ କହିଛନ୍ତି।





ବୁଧବାର ଭଦ୍ରକରେ ମହମ୍ମଦଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ସାହିବସ୍ତିରୁ ଆସିଥିବା କାଫ୍ଲା ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ପୋଲିସ ବାହିନୀ ଶୋଭାଯାତ୍ରାକୁ କର୍ଡନ କରି ଆଗେଇ ନେଉଛି।

# ଶୋଭାଯାତ୍ରାରେ ୬୦ରୁ ଊର୍ଦ୍ଧ୍ୱ କାଫଲା

ଭଦ୍ରକ ଅଫିସ, ୨୧।୧୧



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶିଶୁ।

- **ଶାନ୍ତିଶୃଙ୍ଖଳାର ସହ ମହମ୍ମଦ ଜୟନ୍ତୀ ପାଳିତ**
- **ଅସ୍ଥାୟୀ କ୍ୟାମ୍ପରେ ବସ୍ତି ସର୍ଦ୍ଦାରଙ୍କୁ ସମ୍ବର୍ଦ୍ଧନା**
- **ଶିଶୁଙ୍କ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ**

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭଦ୍ରକରେ ପ୍ରଫେଟ ମହମ୍ମଦ ଜୟନ୍ତୀ ଶାନ୍ତିଶୃଙ୍ଖଳାର ସହ ବୁଧବାର ପାଳିତ ହୋଇଛି। ସହରର ବିଭିନ୍ନ ସାହିବସ୍ତିରୁ ବାହାରିଥିବା ପ୍ରାୟ ୬୦ ରୁ ଊର୍ଦ୍ଧ୍ୱ କାଫଲା ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଶିଶୁ ଶୋଭାଯାତ୍ରାକାରୀଙ୍କ ଦଳ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସହର ପରିକ୍ରମା ବେଳେ ପ୍ରଫେଟ ମହମ୍ମଦଙ୍କ ଜୀବନୀ ସମ୍ପର୍କିତ ଗୀତ ଗାନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବିଭିନ୍ନ ସ୍ଥାନରେ ନିର୍ମିତ ସୁରମ୍ୟ ତୋରଣ ଓ ଅସ୍ଥାୟୀ କ୍ୟାମ୍ପ ଶୋଭା ବଢ଼ାଇଥିଲା। ଏହି ଅବସରରେ ଶୋଭାଯାତ୍ରାର ମୁଖ୍ୟ ଓ ବସ୍ତି ସର୍ଦ୍ଦାରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାରା ପୁରୁଣାବଜାର ଅଞ୍ଚଳ ସୁସଜ୍ଜିତ ତୋରଣ ଓ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ଶୋଭାଯାତ୍ରା ମଦିନା ମଇଦାରେ ପହଞ୍ଚିବା ପରେ ସନ୍ଧ୍ୟା ୭ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଧର୍ମଗୁରୁ ଏଥିରେ ଯୋଗ ଦେଇଥିଲେ। ଏଥିପାଇଁ ମୁଖ୍ୟତଃ ପୁରୁଣାବଜାର ଅଞ୍ଚଳ ଚଳଚଞ୍ଚଳ ଓ ଉତ୍ସବମୁଖର ହୋଇଉଠିଥିଲା। ମହମ୍ମଦ ଜୟନ୍ତୀ ଉପଲକ୍ଷେ ପୂର୍ବାହ୍ନ ୧୧ ଟାରୁ ଚଉଖଣ୍ଡିରୁ କାଫଲା ଶୋଭାଯାତ୍ରା ବାହାରିଥିଲା। ମଦିନା ମଇଦାନ ଅଭିମୁଖେ ବାହାରିଥିବା ଶୋଭାଯାତ୍ରାକାରୀ ଦଳ ବାଙ୍କାଛକ, ପୁରୁଣାବଜାର, ଲାହାପଟି ଛକ, ପାନଅତର ଛକ- ସନ୍ଥିଆ ପୋଲ, କଚେରି ଛକ, ଗୋଶାଳା ଛକ, କୁଆଁସ, କଣ୍ଟାବଣିଆ, କଦମବେଡା, ମୁଲାହାସାହି, ଚନ୍ଦନବଜାର- ଶଙ୍କରପୁର ରାସ୍ତା ଦେଇ ଯାଇଥିଲେ। ଏହି ଶୋଭାଯାତ୍ରା ଦଳକୁ ପୋଲିସ କର୍ଡନ କରି ବାଟ କଢ଼ାଇ ନେଇଥିଲା। ସହରର ମୁଖ୍ୟରାସ୍ତା ଅପର୍ତ୍ତିବିନ୍ଧା, ବଙ୍କସାହି, କଲେଜ ଛକ, ପୋଷ୍ଟଅଫିସ ଛକ, ଥାନା ଛକ, ନୂଆବଜାର, ରାଜଘାଟ ଛକ ଅଞ୍ଚଳରେ କଡ଼ା ପୋଲିସ ବ୍ୟବସ୍ଥା କରାଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅନୁରୂପ ବ୍ୟବସ୍ଥା କରାଯାଇ ମୁଖ୍ୟରାସ୍ତାର ଗୋଟିଏ ପାଖରେ ଚଳାଚଳ ବନ୍ଦ କରିଦିଆଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ମଦିନା ମଇଦାନରେ ଶୋଭାଯାତ୍ରା ପହଞ୍ଚିଥିଲା। ଏସ୍‌ପି ରାଜେଶ ପଣ୍ଡିତଙ୍କ ନେତୃତ୍ୱରେ ୨ ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୨୦ ଇନ୍ସପେକ୍ଟର, ଅଫିସର ୧୦୦, ୨୫ ପ୍ଲାଟୁନ ପୋଲିସ ଆଇନଶୃଙ୍ଖଳା ସ୍ଥିତି ପ୍ରତି ନଜର ରଖିଥିଲେ। ବିଭିନ୍ନ ଦଳର ନେତା ଓ ବହୁ ବ୍ୟକ୍ତିବିଶେଷ ଶୋଭାଯାତ୍ରାକାରୀଙ୍କୁ ବିଭିନ୍ନ ଛକରେ ଶୁଭେଚ୍ଛା ଜଣାଇଥିଲେ।

# ମହମ୍ମଦ ଜୟନ୍ତୀ: ମତୋ ଉତ୍ସବମୁଖର

ଚାନ୍ଦବାଲି, ୨୧।୧୧ (ଡି.ଏନ.ଏ.)



ମତୋ ବଜାରରେ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ବସ୍ତିରେ ମହମ୍ମଦଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ମତୋ ବଜାର ପରିକ୍ରମା କରି ବସ୍ତିରେ ପହଞ୍ଚିଥିଲା। ଉଭୟ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିଲାଗି ମସ୍‌ଜିଦରେ ବିଭିନ୍ନ ସାଜସଜ୍ଜା ହୋଇଥିଲା। ସଦାମ୍ ସାହା, ଆବୁଲ ଖାନ୍, ସେକ୍ ହାକୁମ୍, ସେକ୍ ହାଫିଜ, ସେକ୍ ଇଲିୟାସ, ସେକ୍ ନିଜାମୁଦ୍ଦିନ, ସେକ୍ ଫଜରୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ଧଳ, ସରପଞ୍ଚ ମୁକ୍ତିକାନ୍ତ ସେଠୀ, ବ୍ରଜସୁନ୍ଦର ମଲ୍ଲିକ, ବ୍ରଜସୁନ୍ଦର ସେଠୀ, ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଅଭୟ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଚାନ୍ଦବାଲି, ଗୋଲାଆଡିଆ, କୁଦକାନ୍ଥି ଓ ଧାମରା ଅଞ୍ଚଳରେ ମଧ ମହମ୍ମଦଙ୍କ ଜୟନ୍ତୀ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି।

# ୨୩ ତାଜିଆ ଶୋଭାଯାତ୍ରା

ଧାମନଗର, ୨୧।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗରଠାରେ ମହମ୍ମଦ ଜୟନ୍ତୀ ଅବସରରେ ବୁଧବାର ତାଜିଆ ଶୋଭାଯାତ୍ରା କରାଯାଇଥିଲା। ଧାମନଗରସ୍ଥିତ ୧୭ ସାହିବସ୍ତିରୁ ୨୩ ତାଜିଆ ବାହାରିଥିଲା। କସାବ ମହଲା, ପଠାଣ ମହଲା, ନାୟକସାହି, ଫକିରସାହି, ହାଜି ନଗର, କାଜି ମହଲା, ହବିବ ନଗର, ମୁଲଣା ସାହି, ବାଉଁଶବାଡି, ମୁଜାଦିଦ ନଗର, ମୁନିସିପାଟଣା, କଣ୍ଟାବଣିଆ, ଚାରହାବେଲି, ବଜାର ସାହି, ନାଜର ସାହି, କାଜିସାହିରୁ ସୁସଜ୍ଜିତ ତାଜିଆଗୁଡ଼ିକ ନିଜ ସାହି ପରିକ୍ରମା କରି ଖାନ୍‌କା ସରିଫରେ ପହଞ୍ଚିଥିଲେ। ସେଠାରୁ ଇଦ୍‌ଗା ରାସ୍ତା ଦେଇ ବଡ଼ବଜାର, ସାନବଜାର ହୋଇ ଜଗତିସ୍ଥିତ କଦମ ରସୁଲଠାରେ ପହଞ୍ଚି ଶୋଭାଯାତ୍ରା ଶେଷ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ଉର୍ଦ୍ଦୁ କବିଙ୍କ ଦ୍ୱାରା ନାତିଆ ପ୍ରତିଯୋଗିତା ହୋଇଥିଲା। ବୁଧବାର ଭୋର ସମୟରେ ଜଗତି କଦମ ରସୁଲଠାରେ ସ୍ନାନ, କଦମ ରସୁଲଙ୍କ ଦର୍ଶନ ଏବଂ ଚାଦର ଶୋଭାଯାତ୍ରା କରାଯାଇଥିଲା। ମତଅଲ୍ଲୀ ଏମଡି ନିଆଜ ହବିବ ଏବଂ ସମ୍ପାଦକ ସେକ୍ ନିଜାମୁଦ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହତାବଙ୍କ ଜୟନ୍ତୀ ସମାରୋହ

**ବାସୁଦେବପୁର, ୨୧।୧୧ (ଡି.ଏନ.ଏ.):** ବାସୁଦେବପୁର ସହରସ୍ଥିତ ତହସିଲ ଡାକବଙ୍ଗଳା ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ବୁଧବାର ନବଓଡ଼ିଶାର ନିର୍ମାତା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଭାଷା ସୁରକ୍ଷା ସମିତି ସଭାପତି ନିର୍ମଳ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ପୂର୍ବତନ ପୌରାଧକ୍ଷ ଅଶୋକ କୁମାର ଦାସ, ଶତ୍ରୁଘ୍ନ ଧନୀ, ନାରାୟଣ ନାୟକ, ସନ୍ତୋଷ କୁମାର ପାଣିଗ୍ରାହୀ, ସ୍ମୃତିରଞ୍ଜନ ପଳିତା, ବିକାଶ ଚନ୍ଦ୍ର ଶତପଥୀ, ମମତା ଜେନା ପ୍ରମୁଖ ଯୋଗଦେଇ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ପଦ୍ମପୁର, ୨୧।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ପଦ୍ମପୁର ରାସ୍ତାର ମେଙ୍କିଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ପୋଲରେ ଧକ୍କା ହେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭଗବାନପୁର ଗାଁର ଅନିଲ ସାହୁ ଓ ଆହତଦ୍ୱୟ ତିହିଡ଼ିର ପ୍ରଶାନ୍ତ ବିଶ୍ୱାଳ ଓ ନାୟକାଣିଡିହୀର ସୁରେଶ ନାୟକ ବୋଲି ଜଣାପଡ଼ିଛି।

# ଗାୟତ୍ରୀ ମହାଯଜ୍ଞର ରଜତ ଜୟନ୍ତୀ ସମାରୋହ

ଆରଡି, ୨୧।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋହରାପାଟଣା ବାସନ୍ତୀ ପଡ଼ିଆରେ ନବମ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ରଜତ ଜୟନ୍ତୀ ସମାରୋହ ବୁଧବାର ଆରମ୍ଭ ହୋଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ତଥା ରାଜ୍ୟ ପରିଷଦ ସଭ୍ୟ ଅଜୟ ନାୟକ ଯୋଗଦେଇ ଧର୍ମଧ୍ୱଜା ଉତ୍ତୋଳନ କରିଥିଲେ। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ। ଦୋହରାପାଟଣା, ସୁନ୍ଦରପୁର, ନୂଆପାଟଣା, ଖଟୁଆ ପାଟଣା ଆଦି ଗାଁର ୧୦୮ ଜଣ ମହିଳା ଓ ବାଳିକା କଳସ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ସେମାନେ ବୈତରଣୀ ନଦୀରୁ ଜଳ ଆଣି ଯଜ୍ଞସ୍ଥଳରେ ଉପବେଶନ କରିଥିଲେ। ପରେ ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ସଦସ୍ୟ ବସନ୍ତ ନାୟକ, ମଣ୍ଟୁ ରାଉତଙ୍କ ମନ୍ତ୍ର ଉଚ୍ଚାରଣରେ ଯଜ୍ଞସ୍ଥଳ ମୁଖରିତ ହୋଇଉଠିଥିଲା। ଏଠାରେ ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞ କମିଟି ସଦସ୍ୟ ସଦାନନ୍ଦ ବାରିକ, ମାୟାଧର ମଳିକ, ସାଧୁଚରଣ ସାହୁ, ସଦାନନ୍ଦ ପଲାଇ, ଗିରିଧାରୀ ସେଠୀ, ଭଗବାନ ସାମଲ, ଦେବୀ ଜେନା ପ୍ରମୁଖ ଯଜ୍ଞର ପ୍ରଥମ ଦିନର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ନିତ୍ୟାନନ୍ଦ ଜେନା, ସାଧୁ ମଳିକ ପ୍ରମୁଖ ସହାୟତା କରିଥିଲେ।

# ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

ଭଣ୍ଡାରିପୋଖରୀ, ୨୧।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଯଶୋଟିକିରି ଗ୍ରାମର ସୁରେନ୍ଦ୍ର ମହାଳିକ ମଙ୍ଗଳବାର ତାଙ୍କ ଜାଗାରେ ବାଡ଼ ବୁଜୁଥିଲେ। ଏହାକୁ କେନ୍ଦ୍ରକରି ତାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଗ୍ରାମର ଭଗବାନ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୁରେନ୍ଦ୍ର ବାଡ଼ ବୁଜୁଥିବାବେଳେ ଭଗବାନ ତାଙ୍କୁ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଭଗବାନ ଏକ ଶାବଳରେ ଆକ୍ରମଣ କରିବାରୁ ସୁରେନ୍ଦ୍ରଙ୍କ ହାତ କଟିଯାଇଥିଲା। ଏନେଇ ସୁରେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା (ନଂ.୧୯୬/୧୮) ରୁଜୁ କରାଯାଇଛି।

# ସିରାତୁନ ନବୀ ଦିବସ ପାଳିତ

ଭଦ୍ରକ ଅଫିସ, ୨୧।୧୧

ଭଦ୍ରକରେ ମୁସଲିମ ଅହେମଦିଆ ଜମାତ୍ ପକ୍ଷରୁ ବୁଧବାର ମହାପୁରୁଷ ହଜରତ ମହମ୍ମଦଙ୍କ ଜନ୍ମ ଦିବସ ତଥା ସିରାତୁନ ନବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ସମୁହ ନମାଜ ଏବଂ କୋରାନ ପାଠ କରାଯାଇଥିଲା। ମହିଳା ଶାଖା (ଲଜନାଇମା ଉଲ୍ଲା) ର ସଭାପତି ଫାଇଜା ମୁବାରକ ଓ ସଦସ୍ୟମାନେ ମହାପୁରୁଷ ହଜରତ ମହମ୍ମଦଙ୍କ ମାନବ ସେବାରେ ଅନୁପ୍ରାଣିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ସେମାନେ ବିଭିନ୍ନ ଅନୁଷ୍ଠାନରେ ପହଞ୍ଚି ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ନାୟବ ଅମିର ଗୁଲାମ ଅହମ୍ମଦ, ସେକ୍ ୱକାର ଅହମ୍ମଦ, ଏଜାଜ ଅହମ୍ମଦ, ସେକ୍ ଜାହେଦ୍, ସେକ୍ ଅକ୍ତର ଅହମ୍ମଦ, ଜହୁର ଅହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୀତ ଗାଇ ମନ ମୋହିଲେ ଚିରାଗଜିତ୍

ବନ୍ତ, ୨୧।୧୧ (ସ୍ୱ.ପ୍ର.)



କଣ୍ଠଶିଳ୍ପୀ ଚିରାଗଜିତ୍ ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି।

ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଆଡିଆ କଳାପାହାଡ ଛକଠାରେ କାର୍ତ୍ତିକେଶ୍ୱର ପୂଜା ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାର୍ଥକ ଟିଭିର ସାରେଗାମାପାର ଲିଟିଲ୍ ଚମ୍ପିଅନସ୍‌ର ବିଜେତା ଚିରାଗଜିତ୍ ପଣ୍ଡାଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ଚିରାଗଜିତ୍ ଓ ତାପସ ଶଙ୍ଖୁଆଙ୍କ ଭଳି ଜଣାଶୁଣା ଗାୟକମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଆଗରପଡ଼ା ଥାନାଧିକାରୀ ମାନସ କୁମାର ଦେଓ ଉଦ୍‌ଘାଟନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ସନାତନ ରାଉତଙ୍କ ସଂଯୋଜନାରେ ବୟୋଜ୍ୟେଷ୍ଠ ନାଗରିକ ପାଗଳ ଯେନାଙ୍କୁ ସାମାଜିକକର୍ମୀ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆଙ୍କୁ ଆଦର୍ଶ ଶିକ୍ଷକ ଓ ଥାନାଧିକାରୀ ଦେଓଙ୍କୁ ଦକ୍ଷ ପୋଲିସ ଅଫିସର ଭାବେ ପୂଜା କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ସାହିତ୍ୟିକ କୃଷ୍ଣଚନ୍ଦ୍ର ଜେନା, ଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ପରମାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟିର କୃଷ୍ଣଚନ୍ଦ୍ର ବାରିକ, ରାଜେନ୍ଦ୍ର ଦାସ, ତପନ ଜେନା, ଭରତ ବାରିକ, ଶରତ ରାଉତ, ସୁବୋଧ ପାତ୍ର, ରତ୍ନାକର ବାରିକ, ଅଜିତ ଦାସ, ଆଲୋକ ସେଠୀ, ନିଲୁ ରାଉତ, ସୁରେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଗରପଡା ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ନ୍ୟାୟ ଲାଗି ଭିନ୍ନକ୍ଷମଙ୍କ ଧାରଣା

ଧାମନଗର, ୨୧।୧୧(ଡି.ଏନ.ଏ.)



ଧାମନଗର ଥାନା ଆଗରେ ଭିନ୍ନକ୍ଷମ ଚିନ୍ମୟ ପଣ୍ଡା ଧାରଣାରେ ବସିଛନ୍ତି।

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତ ଅଙ୍ଗେଇପାଳ ଗ୍ରାମର ଦୃଷ୍ଟିହୀନ ଚିନ୍ମୟ ପଣ୍ଡା ତାଙ୍କୁ ମାଡ଼ ଘଟଣାରେ ନ୍ୟାୟ ପାଇଁ ବୁଧବାରଠାରୁ ଧାମନଗର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୪ ତାରିଖରେ ସେ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନରେ ବିଳମ୍ବ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମରାଯିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିଲା। ଏ ସମ୍ପର୍କରେ ସେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ରଖିଥିଲେ ମଧ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶୁକ୍ରବାର ରାଜ୍ୟ ଭିନ୍ନକ୍ଷମ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ଭାଜପାର ବ୍ଲକ ଶାଖା ମଧ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା। ୨୦ ତାରିଖ ସୁଦ୍ଧା ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେଲେ ୨୧ରୁ ଥାନା ଆଗରେ ଧାରଣା ଲାଗି ଚେତାବନୀ ଦିଆଯାଇଥିଲା। ବୁଧବାର ଚିନ୍ମୟ ଥାନା ପରିସରରେ ଧାରଣା ଆରମ୍ଭ କରିବା ବେଳେ ତାଙ୍କୁ ପୋଲିସ ପକ୍ଷରୁ ଥାନା ବାହାରେ ଧାରଣା ଦେବାକୁ କୁହାଯାଇଥିଲା। ଏହି ସମୟରେ ଜଣେ ପୋଲିସ ଅଧିକାରୀ ଚିନ୍ମୟଙ୍କ ସହଯୋଗୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ଧମକ ଦେଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇଛି।

# କ୍ଷତିପୂରଣ ଦାବିରେ ସମବାୟ ବ୍ୟାଙ୍କ ଘେରାଉ

ଚାନ୍ଦବାଲି, ୨୧।୧୧(ଡି.ଏନ.ଏ. )

ସମବାୟ ସଂସ୍ଥାରୁ ଋଣ ନେଇ ଚାଷୀମାନେ ଖରିଫ ଧାନଚାଷ କରିଥିଲେ। ସେମାନେ କୃଷି ବୀମା ରାଶି ମଧ ଜମା କରିଥିଲେ। ତିତ୍‌ଲି ବାତ୍ୟାରେ ସେମାନଙ୍କ ଚାଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଅଦ୍ୟାବଧି କ୍ଷତିପୂରଣ ମିଳି ନାହିଁ। ତେନ୍ତୁଳିଡିହ ସେବା ସମବାୟ ଅଧୀନ ଭୂଇଁବୃତି ପଞ୍ଚାୟତର ଶତାଧିକ ଚାଷୀ କ୍ଷତିପୂରଣ ଦାବିରେ ଚାନ୍ଦବାଲି ସେବା ସମବାୟ ବ୍ୟାଙ୍କକୁ ଘେରାଉ କରିଥିଲେ। କ୍ଷତିପୂରଣ ମିଳିବା ନେଇ ଘୋଷଣା ହୋଇଥିଲେ ମଧ ଏହା ଚାଷୀଙ୍କୁ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରାଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀଙ୍କ ଦାବିକୁ ଗ୍ରହଣ କରି ସେମାନଙ୍କର ୭ ଜଣିଆ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। କାଗଜପତ୍ର ତନଖି ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଶାଖା ପରିଚାଳକ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଉଠିଥିଲେ।

# ଡାକ୍ତର ପଦବୀ ପୂରଣ ନ ହେଲେ ଆନ୍ଦୋଳନ

ତିହିଡ଼ି, ୨୧।୧୧ (ଡି.ଏନ.ଏ.)

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ୨ ଜଣ ଡାକ୍ତର, ଆୟୁଷ ଓ ହୋମିଓପ୍ୟାଥିକ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଛି। ରୋଗୀମାନେ ଉପଯୁକ୍ତ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ନ ହେଲେ ତିହିଡ଼ି ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦଳର ନେତୃବୃନ୍ଦ ବୁଧବାର ଏକ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମସ୍ୟା ଲାଗିରହିଥିବାରୁ ସାମାନ୍ୟ ରୋଗ ହୋଇଥିଲେ ମଧ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆବଶ୍ୟକ ମୁତାବକ ଔଷଧ ମଧ ମିଳିପାରୁ ନାହିଁ। ଏହାଛଡ଼ା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ଅଞ୍ଚଳର ବିଭିନ୍ନ ସ୍କୁଲରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବ୍ଲକରେ ପ୍ରକୃତ ହିତାଧିକାରୀ ରାଶନ କାର୍ଡ ପାଇପାରୁ ନାହାନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା ପାଣିର ଗାର ନ ହେଉ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ପ୍ରତାପ କୁମାର ଜେନା, ଅଜୟ ମହାପାତ୍ର ପ୍ରତିକ୍ରିୟାରେ କହିଛନ୍ତି।

# ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭଦ୍ରକ ଅଫିସ, ୨୧।୧୧

ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୧୯ତମ ଜୟନ୍ତୀ ଅବସରରେ ମହତାବ ଛକରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ଆୟୋଜିତ ପ୍ରାର୍ଥନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ନରେନ ପଲେଇ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାଗବତ ତ୍ରିପାଠୀ, ଅଜୟ ନାୟକ, ରବୀନ୍ଦ୍ର କୁମାର ଜେନା, ନୀହାର ରଞ୍ଜନ କର, ଅତିସ ବେହେରା, ବିଜୟ ମହାନ୍ତି, ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

**ବେତନଟୀ,୨୧।୧୧(ଡ଼ି.ଏନ.ଏ)**–ବେତନଟୀ ବନାଞ୍ଚଳ ଅଧୀନ ଭଦ୍ରାଶୋଳ ଜଙ୍ଗଲ ନିକଟ ଲୁଧା ବସ୍ତିର ଛୁଟୁ ମଳିକ (୬୫) ଓ ତାଙ୍କ ପତ୍ନୀ ବନବାସୀ (୫୬)ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ରାତିରେ ଭଦ୍ରାଶୋଳ ଜଙ୍ଗଲରେ ଥିବା ହାତୀପଲକୁ ବନ ବିଭାଗ ଘଉଡାଇଥିଲା। ବୁଧବାର ଭୋର ସମୟରେ ସେମାନେ ଲୁଧା ବସ୍ତିକୁ ଚାଲି ଆସିଥିଲେ। ହାତୀଙ୍କୁ ଦେଖି ବସ୍ତିବାସିନ୍ଦା ଦୌଡିବାକୁ ଲାଗିଥିବା ବେଳେ ଛୁଟୁ ଓ ତାଙ୍କ ସ୍ତ୍ରୀ ତଳେ ପଡି ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାରିପଦା ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଝାଡ଼ଖଣ୍ଡ ଅଞ୍ଚଳରୁ ୫୮ଟି ହାତୀ ବେତନଟୀ ଓ ନିଳିଗିରି ଜଙ୍ଗଲକୁ ଆସି ଉତ୍ପାତ ଚଳାଇଛନ୍ତି।

## ଟ୍ରେନରୁ ଖସି ଛାତ୍ର ଗୁରୁତର

**ଭଦ୍ରକ ଅଫିସ, ୨୧।୧୧** – ଏକ ଯାତ୍ରୀବାହୀ ଟ୍ରେନରୁ ଖସିପଡ଼ି ବିଟେକ ଛାତ୍ର ଔରଙ୍ଗାବାଦ ଅଞ୍ଚଳର ସତୀଶ ଗୁପ୍ତା(୨୨) ଗୁରୁତର ଆହତ ହୋଇଛନ୍ତି। ସେ ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଜଟଣୀସ୍ଥିତ ସେଞ୍ଚୁରିଆନ ୟୁନିଭର୍ସିଟିରେ ବିଟେକ ପଢୁଥିବା ସତୀଶ ନିଜ ଘରକୁ ଯିବା ପାଇଁ ଖୋର୍ଦ୍ଧା ଷ୍ଟେଶନରୁ ଏକ ଟ୍ରେନରେ ଚଢ଼ିଥିଲେ। ବୁଧବାର ମଧ୍ୟାହ୍ନରେ ଭଦ୍ରକ ବାଉତପୁର ଷ୍ଟେଶନ ମଝିରେ ଏକ ସ୍ଥାନରେ ସେ ଟ୍ରେନରୁ ଖସିପଡ଼ିଥିଲେ। ସେଠାରୁ ଜଣେ ବ୍ୟକ୍ତି ତାଙ୍କୁ ସଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଖବର ପାଇ ସ୍ୱେଚ୍ଛାସେବୀ ସଂଗଠନ ଭଗତ ସେନା ଓ ନେତାଜୀ ସୁଭାଷ ବାହିନୀର କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ସତୀଶଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।




## ଫେରାର ଅଭିଯୁକ୍ତଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ,୨୧।୧୧**

- ସପନ ଦଳେଇ ହତ୍ୟା ମାମଲା
- ହରଡ଼ଘଣାରେ ପୋଲିସ
- ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା

ବାଲେଶ୍ୱର ଚାନ୍ଦିପୁର ଥାନା ଅଧୀନ ଗୁଡ୍ ପଞ୍ଚାୟତ ବାଘମୁଣ୍ଡା ଗ୍ରାମର କନ୍ଦାଇ ଛକ ନିକଟ ଏକ ହାଣ୍ଡିଆ ଭାଟିରେ ସୋମବାର ଅପରାହ୍ନ ୩ଟା ସମୟରେ ସପନ ଦଳେଇ (୩୦) ନାମକ ଜଣେ ଯୁବକଙ୍କୁ ଏକ ଭଙ୍ଗା ମାର୍ବଲ ଖଣ୍ଡରେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ସପନଙ୍କ କକା ଏ ସମ୍ପର୍କରେ ଚାନ୍ଦିପୁର ଥାନାରେ ଅଭିଯୋଗ କରିଥିଲେ। ଚତରା ଗ୍ରାମର କୃଷ୍ଣଚନ୍ଦ୍ର ମାରାଣ୍ଡି ତାଙ୍କୁ ଆକ୍ରମଣ କରିଥିବା ଏବଂ ତାଙ୍କ ସ୍ତ୍ରୀ ଏଥିରେ ସହଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଫେରାର ଥିବା ପୋଲିସ ସୂଚନା ଦେଇଥିଲା। ୪୮ ଘଣ୍ଟା ନ ବିତୁଣୁ ବୁଧବାର ଅପରାହ୍ନରେ ସନ୍ଦିଗ୍ଧ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ତାଙ୍କ ଘରେ ବିଷ ପିଇ ଆତ୍ମହତ୍ୟା କରିବା ଘଟଣାକୁ ରହସ୍ୟାଚ୍ଛନ୍ନ କରିଛି। ଏ ନେଇ ପୋଲିସ ଏବେ ହରଡଘଣାରେ ପଡିଛି।

ଉଲ୍ଲେଖନୀୟ ଯେ, ଚାନ୍ଦିପୁର ପୋଲିସ ସପନଙ୍କ ହତ୍ୟା ଘଟଣା ନେଇ ସୋମବାର ଏକ ମାମଲା (ନଂ. ୮୫/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ନ ପାଇ ମଙ୍ଗଳବାର କୃଷ୍ଣଚନ୍ଦ୍ରଙ୍କ ଶାଶୁଙ୍କୁ ଥାନାକୁ ଡାକି ନେଇ ଜେରା କରିଥିଲା। ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ପୋଲିସ ତଥ୍ୟ ସଂଗ୍ରହ କରିଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ କୃଷ୍ଣଚନ୍ଦ୍ର ବାଘମରା ଛକରେ ଥିବା ତାଙ୍କ ଘରେ ବିଷ ପିଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଚିତ୍କାର ଶୁଣି ତାଙ୍କ ଭଉଣୀ ଏବଂ ପଡ଼ିଶା ଲୋକ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ସେତେବେଳେ କୃଷ୍ଣଚନ୍ଦ୍ର ବିଷ ଜ୍ୱାଳାରେ ଛଟପଟ ହେଉଥିଲେ। ଏହା ଦେଖି ସେମାନେ ସଙ୍ଗେସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୧୮) ରୁଜୁ କରିଥିବା କହିଛି। ତେବେ ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବୁଧବାର ପୋଲିସ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଗୁଡ୍ ପଞ୍ଚାୟତର ଚତରା ସ୍ଥିତ ତାଙ୍କ ବାପଘରେ ଥିବା ଖବର ପାଇ ତାଙ୍କୁ ଥାନାକୁ ଧରିନେଇ ତଦନ୍ତ କରୁଥିବା କହିଛି। ସୋମବାର ହତ୍ୟାର ଶିକାର ହୋଇଥିବା ସପନଙ୍କ ଘର ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଇଞ୍ଚୁଡ଼ିଆ ଗ୍ରାମରେ। ତାଙ୍କୁ କିଭଳି ପରିସ୍ଥିତିରେ କାହିଁକି ହତ୍ୟା କରାଗଲା, ତାହା ସ୍ପଷ୍ଟ ହୋଇ ନ ଥିବାରୁ ପୋଲିସ ତନାଘନା ଜାରି ରଖିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସୋସୋ ଥାନାରେ ଡିଏସ୍‌ପି

**ହାଟଡିହୀ, ୨୧।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଆନନ୍ଦପୁର ଡିଏସ୍‌ପି ଦିଲୀପ ବାଗ୍ ମଙ୍ଗଳବାର ଅପରାହ୍ନରେ ସୋସୋ ଥାନାରେ ପହଞ୍ଚି ଏକ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଆଗକୁ ନିର୍ବାଚନ ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ କିପରି ନିୟନ୍ତ୍ରଣାଧୀନ ରଖିହେବ ସେ ନେଇ ଆଲୋଚନା କରିଥିଲେ। ପାଟ୍ରୋଲିଂ କଡାକଡ଼ି କରିବାକୁ କହିଥିଲେ।

### ଶାଳଣିଆରେ ଗଣ୍ଡଗୋଳ, ଦୁଇ ଆହତ

**ହାଟଡିହୀ, ୨୧।୧୧(ଡି.ଏନ.ଏ.):** ନନ୍ଦିପଦା ଥାନା ଶାଳଣିଆ ବଜାରରେ ଗଣ୍ଡଗୋଳ ଘଟିଛି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଗଣ୍ଡଗୋଳର କାରଣ ଜଣାପଡିନି। ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଛନ୍ତି। ଏ ନେଇ ଉତ୍ତେଜନା ଓ ଛକ୍କାପଞ୍ଝା ଲାଗିରହିଛି। ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ସତ୍ତ୍ୱେ ଶାଳଣିଆ ବଜାରରେ ଏଭଳି ଗଣ୍ଡଗୋଳ ପୋଲିସ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ମଦ ବେପାରୀ ଗିରଫ

**ପାଟଣା, ୨୧।୧୧(ସ୍ୱ.ପ୍ର.):** ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଉଛନ୍ତି ରାଞ୍ଚି ଜିଲା ଖତିତାନ ଥାନା ପିସକାମୁଡ଼ ଗ୍ରାମର ବାବୁଲ କୁମାର ସାହା। ବାବୁଲ ମଦ ବିକ୍ରିକରୁ ଥିବାବେଳେ ରେଙ୍ଗାଲବେଡା ଛକ ନିକଟରେ ଧରା ପଡ଼ିଥିଲେ।

### ଲୁହା ପାଇପ ଚୋରି, ୪ ଗିରଫ



**ରାଇସୁଆଁ, ୨୧।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ଭେଜିଡିହୀ ଗ୍ରାମରୁ ଲୁହା ପାଇପ ଚୋରି ଅଭିଯୋଗରେ ୪ ଜଣଙ୍କୁ ସଦର ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଭେଜିଡିହୀ ଗ୍ରାମର ସଞ୍ଜୟ ପରିହାଳ, ରଞ୍ଜନ ପ୍ରଧାନ, ସାନନ୍ଦ ଦେହୁରି, ଧରଣୀଧର ନାଏକ। ତାଙ୍କଠାରୁ ପୋଲିସ ଏକ ବାଇକ୍, ଏବଂ ବିପୁଳ ପରିମାଣର ପାଇପ ଜବତ କରିଛି। ଆଇରନ ଗୁଣ୍ଡ ପ୍ରେରଣ ପାଇଁ ବ୍ୟବହୃତ ପାଇପ ଗୁଡିକୁ ଖୋଲି ଚୋରି ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୭/୧୮) ରୁଜୁ ହୋଇଛି।

### ବିଦ୍ୟାଳୟରେ ମେଧା ଅନ୍ୱେଷଣ ପରୀକ୍ଷା

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.):** ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ରଜବନ୍ଧୁ ବିଦ୍ୟାପୀଠ ପରିସରରେ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଆନନ୍ଦପୁର ସମ୍ପାଦକ ପ୍ରଦୀପ କୁମାର ହଜାରୀଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲା ସଭାପତି ଶାନ୍ତନୁ ମିଶ୍ର କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ଚକ୍ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରହିଥିଲେ। ମୋଟ ୨୦୭ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ନାୟକ, ଶିକ୍ଷୟିତ୍ରୀ ପଦ୍ମିନୀ ମିଶ୍ର, ପଦ୍ମାବତୀ ନାୟକ, କର୍ମଚାରୀ ନରେନ୍ଦ୍ର ସାହୁ, ବାବାଜୀ ସେଠୀ ପରିଚାଳନାରେ ସହଯୋଗ କରିଥିଲେ।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ଚମ୍ପୁଆ,୨୧।୧୧(ଡି.ଏନ.ଏ.):** ମୟୂରଭଞ୍ଜରୁ ଯୋଡ଼ା ଅଞ୍ଚଳକୁ ଚମ୍ପୁଆ ଦେଇ ଚାଲାଣ ହେଉଥିବା ବାଲି ବୋଝେଇ ଟ୍ରାକ୍ଟରକୁ ସ୍ଥାନୀୟ ତହସିଲ ପକ୍ଷରୁ ଜବତ କରାଯାଇଛି। ସ୍ଥାନୀୟ ଲୋକ ରାମଲାଠାରେ ଗାଡିକୁ ଅଟକାଇ ଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାଏକ ପହଞ୍ଚି ଗାଡିକୁ ଜବତ କରିଛନ୍ତି। ମୟୂରଭଞ୍ଜ ଜିଲାର ପାନପଡ୍ରିଆ ଅଞ୍ଚଳର ଓଡି୧୧ଇ୯୯୬୮ ନମ୍ବର ଟ୍ରାକ୍ଟର ମୟୂରଭଞ୍ଜ ଅଞ୍ଚଳରୁ ବାଲି ନେଇ ଯୋଡା ଅଭିମୁଖେ ଯାଉଥିଲା।

# ଫସର ଫାଟୁଛି ଚଢ଼ାଉ

- ରୋକି ହେଉନି ଖଣିଜ ଚୋରି
- କର୍ମଚାରୀଙ୍କ ପକେଟ୍ ମାଲାମାଲ

**ଆନନ୍ଦପୁର/ ଘସିପୁରା, ୨୧।୧୧(ସ୍ୱ.ପ୍ର.)**



ଜବତ ହୋଇଥିବା ବାଲି ବୋଝେଇ ଟ୍ରାକ୍ଟର।

ଆନନ୍ଦପୁର ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଚୋରି ହେଉଛି। ଚୋରା ଚାଲାଣ ବୃଦ୍ଧି ପାଉଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତହସିଲ ପକ୍ଷରୁ ବିଭିନ୍ନ ସମୟରେ ପ୍ରତ୍ୟୁଷରୁ ହେଉ କି ସନ୍ଧ୍ୟା ସମୟରେ ଅଚାନକ ଚଢାଉ କରାଯାଉଛି। ଗାଡିକୁ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ବାରମ୍ବାର ଏଭଳି ଘଟଣା ଦେଖିବାକୁ ମିଳୁଥିଲେ ବି ସମ୍ପୃକ୍ତ ଗାଡି ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଚୋରା ଚାଲାଣ ରୋକିବାର ନା ଧରୁନି। ଚଢ଼ାଉ ଫସର ଫାଟୁଛି ବୋଲି ଚର୍ଚ୍ଚା ହେଉଛି। ଗଳି ଛପି ଚୋରା ବାଲି, ଚିପସ୍, ମେଣ୍ଟାଲ୍ ଆଦି ବ୍ୟାପକ ଭାବେ ଲୁଟ୍ ହେଉଛି। ତହସିଲ କାର୍ଯ୍ୟାଳୟ କେତେକ ତଳିଆ କର୍ମଚାରୀ ଚଢାଉ ସମ୍ପର୍କରେ ଖବର ପାଇ ଲଘୁ ଖଣିଜ ଲୁଟୁ ଥିବା ମାଫିଆଙ୍କୁ ଆଗୁଆ ଖବର ଦେବାରେ ସଫଳ ହେଉଛନ୍ତି। ଫଳରେ ତଳିଆ କର୍ମଚାରୀଙ୍କ ପକେଟ୍ ମାଲାମାଲ ହେଉଥିବା ଦେଖାଯାଉଛି। ତହସିଲ ପକ୍ଷରୁ ହେଉଥିବା ଚଢାଉ ଫସର ଫାଟିଯାଉଛି।

ତହସିଲର ଚଢାଉ ଘଟଣାକୁ ସାଧାରଣରେ ସ୍ୱାଗତ କରାଯାଉଛି। ଦୁରଦୃଷ୍ଟି ଅଭାବ ଯୋଗୁଁ ଅନେକ ମାଫିଆ ଦୃଷ୍ଟି ଆଢୁଆଳରେ ରହିଯାଉଥିବା ନଜରକୁ ଆସିଛି। ନିକଟରେ ବୈତରଣୀର ପଦ୍ମପୁର ବାଲିଘାଟ, କୁମୁଣିଆ ଘାଟ, ମୂଷଳ ଘାଟ ଆଦିରୁ ତହସିଲ ପକ୍ଷରୁ ବହୁଳ ପରିମାଳରେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇ ଜରିମାନ ଆଦାୟ ହୋଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ତହସିଲ କର୍ତ୍ତୃକ୍ଷଙ୍କ ଦ୍ୱାରା ହୋଇଥିବା ଚଢାଉରେ ମାତ୍ର ତିନିଗୋଟି ଟ୍ରାକ୍ଟର ଜବତ କରାଯାଇଥିଲା। ଆଗୁଆ ସୂଚନା ପାଇ କେତେକ ବାଲି ବୋଝେଇ ଗାଡି ଖସି ଯାଇଛି। କେଉଁ କାରଣରୁ କେମିତି ଚୋରା ବାଲି ଗାଡି ଗୁଡିକ ଖସିଗଲା ସେ ଦିଗରେ ଜାଣିବା ପାଇଁ ତହସିଲ କର୍ତ୍ତୃପକ୍ଷ ଚେଷ୍ଟା କରୁ ନ ଥିବା ଅଭିଯୋଗ ହେଉଛି।

## ■ ଦେବେନ୍ଦ୍ରଙ୍କ ସନ୍ଦେହଜନକ ମୃତ୍ୟୁ

# 'ନିରପେକ୍ଷ ତଦନ୍ତ କରାଯାଉ'

**ପାଟଣା, ୨୧।୧୧(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପରେ ବୁଧବାର ପାଟଣା ସୁରକ୍ଷା କମିଟି ତରଫରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଶନିବାର ବିଜେଡି ବରିଷ୍ଠ ନେତା ଦେବେନ୍ଦ୍ର କୁମାର ପାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁର ନିରପେକ୍ଷ ତଦନ୍ତ କରିବାକୁ ସମ୍ମିଳନୀରେ ଦାବି କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ୧୫ଦିନ ମଧ୍ୟରେ ଦୋଷୀକୁ ଗିରଫ ନ କଲେ ପାଟଣା ସୁରକ୍ଷା କମିଟି ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ପାଟଣା ବନ୍ଦ ସହ ଥାନା ଘେରାଉ କରାଯିବ ବୋଲି କମିଟିର ଆବାହକ ବିଜୟରତ୍ନ ପତି ଚେତାବନୀ ଦେଇଛନ୍ତି।

ଖବରଦାତା ସମ୍ମିଳନୀ କମିଟିର ସଭାପତି ଅଚ୍ୟୁସ୍ମିତ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଉପଦେଷ୍ଟା ଅଜୟ ଦାଶ, ଆଇନ ପରାମର୍ଶଦାତା ରାହାସବିହାରି ପୃଷ୍ଟି, ସମ୍ପାଦକ ସବୀର ଦାଶ, ଉପଦେଷ୍ଟା ପ୍ରଶାନ୍ତ ଭଞ୍ଜ, ମହେଶ୍ୱର ପୃଷ୍ଟି, ବିଜେଡି ଜିଲା ଉପସଭାପତି ଦେବା ନନ୍ଦ ପୃଷ୍ଟି, ବଜାର କମିଟିର ସଭାପତି ପ୍ରସନ୍ନ ଭଞ୍ଜ ଓ ଯୁଗଳ କିଶୋର ଦାଶ ପ୍ରମୁଖ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ସୁରକ୍ଷା କମିଟି କର୍ମକର୍ତ୍ତା।

# ଶିଶୁ ନିର୍ଯାତନା ରୋକିବାକୁ ପ୍ରୟାସ

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ସାଥୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନେ ଝୋଟି ଓ ମୁରୁଜରେ ବିଭିନ୍ନ ଚିତ୍ର ଆଙ୍କିବା ସହ ପୁଚି ଖେଳି ପରିବେଶକୁ ଉତ୍ସବ ମୁଖରିତ କରିଥିଲେ। ହାତରେ ଶିଶୁ ସୁରକ୍ଷା ପ୍ଲାକାର୍ଡ଼ ଧରି ବାଳିକା ଶିକ୍ଷାର ପ୍ରସାର, ଶିଶୁ ଶ୍ରମିକ ନିବାରଣ, ଶିଶୁ ନିର୍ଯାତନ ନିବାରଣ ଓ ବାଲ୍ୟ ବିବାହ ନିଷେଧ ନେଇ ଛାତ୍ରୀମାନେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଚାଇଲ୍ଡଲାଇନ୍ ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ ଯୋଗଦେଇ ଶିଶୁ ନିର୍ଯାତନା ରୋକିବାକୁ ପ୍ରୟାସ କରାଯାଉଥିବାବେଳେ ଚାଇଲ୍ଡଲାଇନ୍‌ର ନିଃଶୁଳ୍କ ଟେଲିଫୋନ୍ ସେବା ୧୦୯୮କୁ ଫୋନ୍ କରି ସହାୟତା ଲୋଡିବାକୁ ପରାମର୍ଶ ଦେଇଥିଲେ। ସଦସ୍ୟ ହିମାଂଶୁ ରାମ ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଜାନକୀ ସାହୁ, ଉର୍ମିଳା ଦେଇ, ଶିକ୍ଷକ ଶ୍ରୀଧର ମହାରଣା, ସୌମ୍ୟକାନ୍ତ ଚୌଧୁରୀ, ରାଜୀବ ନାୟକ, ସହାୟକ ସୁଦାମ ଚରଣ ଦାସ, ରାମଚନ୍ଦ୍ର ବେହେରା, ଅଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଏବେ ବି କୋଣାର୍କ' ମଞ୍ଚସ୍ଥ

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଖାଳିଆମେଣ୍ଟା ତଳସାହିରେ ଦୀର୍ଘ ୭୫ ବର୍ଷ ଧରି କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ଶାଳପଡା ବିଣାପାଣି କଳାନିକେତନ ଦ୍ୱାରା ନୃତ୍ୟାନୁଷ୍ଠାନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ 'ଏବେ ବି କୋଣାର୍କ' ମଞ୍ଚସ୍ଥ ହୋଇଯାଇଛି। ନୃତ୍ୟାଭିନୟ ପରେ ଦଳଗତ ଜଙ୍ଗଲୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟକୁ ନୃତ୍ୟଶିଳ୍ପୀ ଦେବାଙ୍ଗୀ ସେନାପତି, ପଦ୍ମଜା ମିଶ୍ର, ମାହେଶ୍ୱରୀ ନାୟକ, ଟୁଇଙ୍କିଲ୍ ସାହୁ, ଇତିଶ୍ରୀ ସାହୁ, ସଞ୍ଚାରୀ ପଣ୍ଡା, ଶୁଭଶ୍ରୀ ପାତ୍ର, ଶ୍ରଦ୍ଧାଞ୍ଜଳି ପଣ୍ଡା, ବିନୋଦ ଓଝା ଉପସ୍ଥାପନ କରିଥିଲେ। ପମାନସ ସାହୁଙ୍କ ସଂଯୋଜନାରେ କବି ପ୍ରଫୁଲ୍ଲ ଚକ୍ର ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସୁରଜିତ୍ ଜେନା, ଆଲୋକ ଜେନା, ମାନସ ଜେନା, ପୁଲକ ଜେନା, ପଦ୍ମଲୋଚନ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଦଧିବାମନଜୀଉଙ୍କ ମନ୍ଦିରରେ ପ୍ରବଚନ

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ସାଂସ୍କୃତିକ ପରିଷଦ ପକ୍ଷରୁ ପବିତ୍ର ରାହାସ ପଞ୍ଚକ ଅବସରରେ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ୩୧ତମ ରାହାସ ପଞ୍ଚକ ପ୍ରବଚନ ମାଳା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଉପଜିଲାପାଳ ତଥା ଦେବୋତର ବିଭାଗର ମୁଖ୍ୟ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନାମଧନ୍ୟ ପ୍ରବଚକ ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ପଣ୍ଡା, ପଣ୍ଡିତ ଭରତ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଉମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ୍ ଶୁକଦେବ ସାହୁ, ଆଇନଜୀବୀ ଜୟନ୍ତ ରାଜ, ସମାଜସେବୀ ରଘୁନାଥ ପଣ୍ଡିତ, ପଦ୍ମନାଭ ପାତ୍ର, ପ୍ରଦୀପ ହଜାରୀ ପ୍ରମୁଖ ଉପସ୍ଥିତ ରହି ପ୍ରବଚନ ଶୁଣିଥିଲେ।

# ଶିଳ୍ପ ସଚେତନତା କର୍ମଶାଳା

**ହାଟଡିହୀ, ୨୧।୧୧**

ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ବନ୍ଧୀୟ ଦିନିକିଆ ଶିଳ୍ପ ସଚେତନତା କର୍ମଶାଳା ସ୍ଥାନୀୟ ଆଞ୍ଚଳିକ ମହାବିଦ୍ୟାଳରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ର କେନ୍ଦୁଝର ଦ୍ୱାରା ଆୟୋଜନ କାର୍ଯ୍ୟକ୍ରମରେ ହାଟଡିହୀ ବ୍ଲକ ଆଇପିଓ ସନ୍ତୋଷ ଜେନା ସଂଯୋଜନା କରିଥିଲେ। କେନ୍ଦୁଝର ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ କୃଷ୍ଣ ଚନ୍ଦ୍ର ନାୟକ, ସହପରିଚାଳକ ଗୌର ମୋହନ ସିଂ, ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହୀର ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣ ଚନ୍ଦ ସ୍ୱାଇଁ, ଏଫଏଲ୍‌ସିସି ପିତବାସ ମହାପାତ୍ର, ସ୍ଥାନୀୟ ଶାଖାର କ୍ଷେତ୍ର ପରିଚାଳକ ପ୍ରଶାନ୍ତ ଦାସ ଓ ଅମ୍ରିତା ପଣ୍ଡା ଉପସ୍ଥିତ ରହିଥିଲେ। ଘନଶ୍ୟାମ ମୁଖୀ ଓ ସୁରେନ୍ଦ୍ର ଜେନା ପରିଚାଳନାରେ ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଢେଙ୍କିକୋଟ ଚାମ୍ପିୟନ

**ଢେଙ୍କିକୋଟ, ୨୧।୧୧(ଡି.ଏନ.ଏ.)**



ଖେଳାଳିଙ୍କ ସହ ଅନ୍ୟମାନେ।

ଢେଙ୍କିକୋଟ ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ହାଇସ୍କୁଲ ଖେଳପଡ଼ିଆଠାରେ ପଞ୍ଚାୟତସ୍ତରୀୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କିକୋଟ କ୍ରିକେଟ ଚାମ୍ପିୟନ ହୋଇଛି। ଯୁବବାହିନୀର ସଭାପତି ଦିନେଶ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଟୁର୍ନାମେଣ୍ଟରେ ସାହାଯ୍ୟ ସହଯୋଗ କରିଥିଲେ। ପ୍ରଥମ ମ୍ୟାଚ ଲଙ୍ଗଳକଣ୍ଟି ଗ୍ରାମ ସହ କପାସପଡ଼ା ଏବଂ ଢେଙ୍କିକୋଟ ସହ ଟିକିରା ମଧ୍ୟରେ ଖେଳ ହୋଇଥିଲା। ଏଥିରେ କପାସପଡ଼ା ଓ ଢେଙ୍କିକୋଟ ଫାଇନାଲକୁ ଯାଇଛି। ଯୁବବାହିନୀର ଇଂ. ଶୁଭାଶିଷ କୁମାର ମଣ୍ଡଳ ଏବଂ ତ୍ରିଲୋଚନ ନାୟକ ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗୌରୀ ବାରିକ, ମୁଖ୍ୟବକ୍ତା ଘଟଗାଁ ବ୍ଲକ ବିଜୁ ଜନତା ଦଳର ସଭାପତି ଦୋଳଗୋବିନ୍ଦ ବେହେରା, ସମ୍ମାନିତ ଅତିଥି ଯୁବ ସାମାଜିକକର୍ମୀ ଅଜିତ କୁମାର ପାଢ଼ୀ, ଜିଲା ବିଜୁ ଜନତା ଦଳର ଉପସଭାପତି ପ୍ରଭାକର ନାୟକ ଯୋଗ ଦେଇଥିଲେ। ଯୁବବାହିନୀର ସମ୍ପାଦକ ରାକେଶ କୁମାର ମଣ୍ଡଳ ଅତିଥି ପରିଚୟ ଦେଇଥିଲେ। ଯୁବବାହିନୀର ସମ୍ପାଦକ ରାକେଶ ମଣ୍ଡଳ, ସୁଶାନ୍ତ ସେନାପତି ସହଯୋଗ କରିଥିଲେ। ଚାମ୍ପିୟନ ଢେଙ୍କିକୋଟ କ୍ରିକେଟ ଟିମ୍‌କୁ ନଗଦ ୩ ହଜାର ସମେତ କପ ଏବଂ ରନର୍ସ ଅପ୍ କପାସପଡ଼ା ଦଳକୁ ୨ ହଜାର ଟଙ୍କା ଓ କପ୍ ପ୍ରଦାନ କରିଥିଲେ। ଶେଷରେ ଯୁବ ବାହିନୀର ଦୀପକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ବାଣିଜ୍ୟ ବିଭାଗର ପାଠଚକ୍ର

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପାଠଚକ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ରାଜେନ୍ଦ୍ର ନାରାୟଣ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବୃନ୍ଦାବନ ଗୁଇଁ ଯୋଗଦେଇ ଦେଶର ବିକାଶରେ ଶିଳ୍ପଦ୍ୟୋଗର ଭୂମିକା ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ନାରାୟଣ ଦାଶ ଭିତି ନିବନ୍ଧପାଠ କରିଥିଲେ। ଅଧ୍ୟାପକ ନିଳମଣୀ ମଣ୍ଡଳ ଓ ମାୟାଧର ନାୟକ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଦିଲ୍ଲୀପ ଦାଶ, ଡ. ମୀନାକ୍ଷି ମିଶ୍ର, ଡ. ଶେଖର ପ୍ରସାଦ ଦେବତା, ଡ. ନିମାଇଁ ଚରଣ ରାଉତ, ପ୍ରଫୁଲ୍ଲ ପଣ୍ଡା, ଶକ୍ତି ପ୍ରସାଦ ମହାପାତ୍ର, ଶିବ ଚରଣ ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ଭଗବାନ ସାହୁ, ଦିନବନ୍ଧୁ ପତିଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ସମ୍ପାଦକ ସବ୍ୟସାଚୀ ସେନାପତି, ସୌମ୍ୟରଞ୍ଜନ ମିଶ୍ର ଓ ତନ୍ମୟ ପଣ୍ଡା ପରିଚାଳନା କରିଥିଲେ।

# କାର୍ଯ୍ୟ ଶେଷ, ମିଳୁନି ନଳକୂପ ବିଲ୍

**ଆନନ୍ଦପୁର, ୨୧।୧୧(ସ୍ୱ.ପ୍ର.)**



ନିର୍ମାଣ ହୋଇଥିବା ନଳକୂପ।

ଘସିପୁରା ବ୍ଲକ ଅଧୀନ ଶାଳଦେଇ ପଞ୍ଚାୟତରେ କାର୍ଯ୍ୟଦେଶ ଅନୁଯାୟୀ ଉନ୍ନୟନ ମୂଳକ କାର୍ଯ୍ୟ ଶେଷ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବରୁ ୬ ମାସରୁ ଉର୍ଦ୍ଧ୍ୱ ଦିନ ହେବ ନଳକୂପ ବିଲ୍ ମିଳୁ ନ ଥିବା ଅଭିଯୋଗ ହେଉଛି। ଶାଳଦେଇ ପଞ୍ଚାୟତରେ ୪ର୍ଥ ଏସଏଫସି ଫଣ୍ଡରୁ କଇଥପାଟଣାର ସାହୁ ସାହି, ଓଡପଡାର ରଣା ସାହି, ବ୍ରାହ୍ମନ୍ଦାର ସେଠୀ ସାହିକୁ ୩ ଗୋଟି ନଳକୂପ ଅନୁଦାନ ଦିଆଯାଇଥିଲା। କାର୍ଯ୍ୟାଦେଶ ଶେଷ ହୋଇଥିଲେ ହେଁ କାଗଜ ପ୍ରଦାନ ପରେ ବି ବିଲ୍ ନ ମିଳିବାରୁ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତିମାନେ ଘସିପୁରା ବିଡିଓଙ୍କ ସାକ୍ଷାତ କରିଥିଲେ। ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ନଳକୂପ୍ ବିଲ୍ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟୋ ପଞ୍ଚାୟତର କାହ୍ନୁ ଚରଣ ସାହୁ ୨୦୧୬ରୁ କାମ କରି ପାଇଖାନା ବାବଦକୁ ବିଲ୍ ପାଇ ନ ଥିବା ନେଇ ସମିତି ସଭ୍ୟ ସ୍ମୃତି ରଞ୍ଜନ ମିଶ୍ର ଅଭିଯୋଗ କରିଛନ୍ତି।

# ମେଧାବୃତ୍ତି ପରୀକ୍ଷା ଦେଲେ ୧୫୦ ଛାତ୍ରୀଛାତ୍ର

**ପଟଣା, ୨୧।୧୧(ସ୍ୱ.ପ୍ର.)**

ମାଧ୍ୟମିକ ଶିକ୍ଷା ପରିଷଦ କଟକ ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ମୁଖ୍ୟାଳୟସ୍ଥିତ ଜିଏନ ହାଇସ୍କୁଲ ସ୍ୱାମପାଟଣାଠାରେ ସୋମବାର ଅନୁଷ୍ଠିତ ହୋଇଛି। ପରୀକ୍ଷାରେ ଷ୍ଟେଜ ୧ ଷଷ୍ଠ ଶ୍ରେଣୀର ପିଲା ୭୧ ଓ ଷ୍ଟେଜ ୨ ନବମ ଶ୍ରେଣୀର ୭୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୧୫୫ ପିଲା ପରୀକ୍ଷା ପାଇଁ ପଞ୍ଜୀକୃତ କରିଥିଲେ। ମୋଟ ୧୫୦ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳକ ଭାବେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସିଂ ଓ ସହ ପରୀକ୍ଷା ପରିଚାଳକ ରମାରଞ୍ଜନ ପତି କାର୍ଯ୍ୟ ତୁଲାଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଜଗବନ୍ଧୁ ମହାନ୍ତ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# 'ସଙ୍ଗଠନକୁ ସୁଦୃଢ଼ କରିବାକୁ ଗୁରୁତ୍ୱ'

**କେନ୍ଦୁଝର,୨୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ବ୍ଲକ ମଇଦାନକେଲ ଏବଂ ରଘୁନାଥପୁର ପଞ୍ଚାୟତକୁ ନେଇ 'ମୋ ବୁଥ୍ ମୋ ଗୌରବ' ଏବଂ ପ୍ରୋଜେକ୍ଟ ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬ନଂ ଜୋନ ସଭାପତି ପୟୋଧର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ଆଦିବାସୀ କଂଗ୍ରେସର ଉପାଧ୍ୟକ୍ଷ ବିଦ୍ୟାଧର ଦେହୁରି, ସମ୍ମାନିତ ଅତିଥି ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପିସିସି ସଦସ୍ୟ କିଶୋର ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲା ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ଶିବଶଙ୍କର ମାର୍ଡି, ଜିଲା ଦଳିତ କଂଗ୍ରେସ ସେଲର ଅଧ୍ୟକ୍ଷ ରମାକାନ୍ତ ପାତ୍ର, ୫ନଂ ଜୋନ ସଭାପତି ଉତ୍ତମ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏକ ସ୍ଥିର ସରକାର ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ କଂଗ୍ରେସକୁ କ୍ଷମତାସୀନ କରିବାକୁ ହେଲେ ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ପଡିବ ବୋଲି ବକ୍ତାମାନେ ମତ ଦେଇଥିଲେ।

# ଗ୍ରାମ୍ୟ ରାସ୍ତା ଶୋଚନୀୟ

**ହାଟଡିହୀ, ୨୧।୧୧**

ହାଟଡିହୀ ବ୍ଲକ ଡେଙ୍ଗା ପଞ୍ଚାୟତର ୧୫ ନଂ ୱାର୍ଡ ଛୁଆଳିଆ ଗାଁ ମୁଖ୍ୟ ରାସ୍ତା ଶୋଚନୀୟ ହୋଇଛି। ପୋଖରୀ ହୁଡା ଧୋଇ ବିପଦସଙ୍କୁଳ ପାଲଟିଛି। ଉକ୍ତ ରାସ୍ତା ଦେଇ ଛାତ୍ରୀଛାତ୍ର ବିଦ୍ୟାଳକୁ ଯାଉଛନ୍ତି। ରୋଗୀ ଓ ସାଧାରଣ ଲୋକ ଦୈନନ୍ଦିନ ଯାତାୟାତ କରିଥାନ୍ତି। ଗାଁକୁ ଜରୁରିକାଳୀନ ସେବା ଠପ ହେଉଛି। ସେହି ରାସ୍ତାରେ ଦୁର୍ଘଟଣା ଘଟୁଛି। ଏ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତାକଡ଼ରେ ଗୁଡ଼ ବେପାର

- ଜମୁଛି ଗ୍ରାହକଙ୍କ ଭିଡ଼
- ଦେଢ କିଲୋକୁ ଶହେ
- ଏହାର ସ୍ୱାଦ ନିଆରା

**କେନ୍ଦୁଝର, ୨୧।୧୧(ସ୍ୱ.ପ୍ର.)**



କେନ୍ଦୁଝର ସହରରେ ଲୋକେ ମାଟି କଳସୀ ଗୁଡ କିଣୁଛନ୍ତି।

ପ୍ରଥମାଷ୍ଟମୀରେ ଘରେ ଘରେ ପିଠାପଣାର ମହକ ହୋଇଥାଏ। ଏଥିପାଇଁ ଆନନ୍ଦପୁର ଉପଖଣ୍ଡର ବେଲବାହାଳୀର ଆଖୁ ରସରେ ପ୍ରସ୍ତୁତ ଗୁଡର ଚାହିଦା କେନ୍ଦୁଝର ସହରରେ ଦେଖିବାକୁ ମିଳୁଛି। ରାସ୍ତାକଡରେ ମାଠିଆ (କୁଡ) ଗୁଡର ଚାହିଦା ଅଧିକ ରହିଛି। ଗୁଡ଼ କିଣିବା ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଦେଢ କିଲୋକୁ ୧୦୦ ଟଙ୍କାରେ ଲୋକେ ଗୁଡ କିଣୁଛନ୍ତି। ରାଜ୍ୟରେ ପ୍ରସିଦ୍ଧ ଆନନ୍ଦପୁର ଅଞ୍ଚଳରେ ଗୁଡର ଚାହିଦା ରହିଛି। ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ବ୍ୟବସାୟୀକ ଅଭିବୃଦ୍ଧି ହୋଇ ପାରୁନାହିଁ। ଉକ୍ତ ଅଞ୍ଚଳର ଜଳବାୟୁ, ମାଟି ଆଖୁ ଓ ନଳିତା ଚାଷ ଉପଯୋଗୀ। ବହୁ ପରିବାର ଆଖୁ ଚାଷ କରିବଞ୍ଚି ଆସୁଛନ୍ତି। ଆଖୁକୁ ପେଡି ସେଥିରୁ ଦୋରୁଅ (ଆଖୁରସ) ବାହାର କରି ନିଆଁରେ ପାକ କରି ଗୁଡ ପ୍ରସ୍ତୁତ ହେଉଛି। ଉକ୍ତ ଅଞ୍ଚଳରେ ଚିନି କଳ ନ ଥିବାରୁ ପ୍ରାୟତଃ ଗୁଡ ବ୍ୟବସାୟ ଅଧିକ ରହିଛି। ୧୯୯୯ ମହାବାତ୍ୟା ପରେ ଚାଷ ଜମିରେ ବାଲି ଚର ହୋଇଯିବାରୁ ଏବଂ ପରବର୍ତ୍ତୀ ସମୟରେ ମାଟିର ଉର୍ବରତା କମିଯିବାରୁ ଚାଷ ଆଗଭଳି ହେଉନାହିଁ ବୋଲି ଗୁଡ଼ ବ୍ୟବସାୟ ପ୍ରଫୁଲ ଘଡେଇ କହିଛନ୍ତି।

ଆଖୁ ପେଡି ରସ ବାହାର କରିବା ଏବଂ ପାକ କରିବା ବ୍ୟବବହୁଳ ହେଉଥିବାରୁ ଅନେକେ ଆଗଭଳି ଗୁଡ ବେଉସା ଛାଡିଦେଇଥିବା ଜଣାପଡିଛି। ଆଖୁରୁ ପ୍ରସ୍ତୁତ ଗୁଡରେ ପ୍ରସ୍ତୁତ ପିଠାର ସ୍ୱାଦ ମଧ୍ୟ ନିଆରା ବୋଲି ଗୁଡ କିଣୁଥିବା କେନ୍ଦୁଝର ନିବାସୀ ତଥା ଅବସରପ୍ରାପ୍ତ କେନ୍ଦ୍ର ସରକାର ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ବେଲବାହାଳୀ ଗୁଡର ଚାହିଦା ରାଜ୍ୟ ତମାମ। ପ୍ରୋତ୍ସାହନ ମିଳିଲେ ଅଧିକ ପ୍ରସାରିତ କରାଯାଇପାରିବ ବୋଲି ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ର କହିଛନ୍ତି। ତେଲକୋଇରେ ହାତୀ ଉପଦ୍ରବ ଏବଂ ଆନନ୍ଦପୁର ଅଞ୍ଚଳରେ ପ୍ରୋତ୍ସାହନର ଅଭାବ ଚାଷୀ ବେଉସା ଛାଡୁଛନ୍ତି। ସେମାନଙ୍କୁ ସହାୟତା ଦିଆଗଲେ ଚାଷୀମାନେ ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ଶିକ୍ଷାବିତ ରମେଶ ଚନ୍ଦ୍ର ହୋତା କହିଛନ୍ତି।